## ଯାଜପୁରରେ ପ୍ରବାଦ ପୁରୁଷ ଦିବସ

# ତିଳତର୍ପଣ, ଶ୍ରଦ୍ଧାଞ୍ଜଳି ଓ ସ୍ମୃତି ସଭା













ଯାଜପୁର,୧୭।୪(ସମିସ)

ଆଜି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଅବସରରେ ଯାଜପୁରରେ ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସକାଳୁ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ନେତୃତ୍ୱରେ ଯାଜପୁର ବିଧାୟିକା ସୁଜାତା ସାହୁ, ବିଜେଡି ନେତା ଭବପ୍ରସାଦ ଦାସଙ୍କ ସମେତ ବିଜୁ ଜନତା ଦଳର କର୍ମୀମାନେ ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ତିଳତର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟ ବିଜେଡି ଉପସଭାପତି ପ୍ରଣବ ପ୍ରକାଶ ଦାସ ଯୋଗ ଦେଇ କିଆନାଳୀ ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ବିଶାଳ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ସ୍ୱର୍ଗତ ବିଜୁବାବୁଙ୍କ ବ୍ୟକ୍ତିତ୍ୱ ସଂପର୍କରେ ଆଲୋଚନା କରିଥିଲେ। ଏହା ପରେ ସ୍ଥାନୀୟ ଅମ୍ବିକା ମଣ୍ଡପ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଯାଜପୁର ବିଧାୟିକା ସୁଜାତା ସାହୁ, ଯାଜପୁର ପୌରପାଳିକା ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକଙ୍କ ସମେତ ପୌରପାଳିକାର ସମସ୍ତ କାଉନସିଲର ଓ ବ୍ଲକର ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ବିଜୁ ବାବୁଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କ ଅବଦାନକୁ ମନେ ପକାଇଥିଲେ।

**ବରୀ:** ବରୀ ବ୍ଲକ କାର୍ଯ୍ୟାଳୟର ଅନତି ଦୂରରେ ଥିବା ପ୍ରସିଦ୍ଧ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେପୂର୍ବତନ ମୁଖ୍ୟମନ୍ତ୍ରୀ ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ବରୀ ବ୍ଲକ୍ ବିଜେଡି ସଭାପତି କେଦାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲିକଙ୍କ ପିତା ଶିଶିର କୁମାର ମଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଭୂମିପୁତ୍ର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ ଯୋଗାଦେଇଥିଲେ। ଆରମ୍ଭରେ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ସାମଲଙ୍କ ଦ୍ୱାରା ବ୍ରାହ୍ମଣୀ ନଦୀରେ ବିଜୁ ବାବୁଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅନ୍ୟମାନଙ୍କ ମଧ୍ୟରେ ବରୀ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ବିଜେଡି ଜିଲ୍ଲା ଉପ ସଭାପତି ବିଜୟ କିଶୋର ସାହାଣୀ, ଜିଲ୍ଲା ପରିଷଦ ସଭ୍ୟ ଦିଲ୍ଲିପ କୁମାର ମହାନ୍ତି, ସରପଞ୍ଚ କୁନା ମଲିକ, ସଞ୍ଜୟ ସେଠୀ, ସମିତିସଭ୍ୟ ଚିନ୍ତାମଣି ଜେନା, ଶ୍ରୀଧର ସେଠୀ, ପୂର୍ବତନ ସରପଞ୍ଚ ହରିହର ପଣ୍ଡା, ପ୍ରସନ୍ନ ସାମଲ, ଯୁବନେତା ବୁଲୁ ଯାଦବଙ୍କ ସମେତ ବହୁ ବିଜୁପ୍ରେମୀ ଉପସ୍ଥିତ ରହି ତିଳ ତର୍ପଣ କରିବା ସହିତ ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ।

**ବିଞ୍ଝାରପୁର:** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବିଞ୍ଝାରପୁର କଲ୍ୟାଣ ମଣ୍ଡପରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଞ୍ଝାରପୁର ବିଜୁ ଜନତା ଦଳ ପକ୍ଷରୁ ସଭାପତି ନନ୍ଦ କିଶୋର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇଥିଲେ। ଏହି ସମାରୋହରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଜିଲ୍ଲା ପରିଷଦ ସଭ୍ୟା ସୁନିତା ନାୟକ, ମାମିନା ମଲ୍ଲିକ, ଲିନା ରାଣୀ ସାମଲ, ଖଗେଶ୍ୱର ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ସ୍ୱର୍ଣ୍ଣଲତା ସାମଲ, ବ୍ଲକ ଉପାଧ୍ୟକ୍ଷ ସେକ୍ ଇର୍ସାଦ, ଯୁବ ବିଜେଡି ସଭାପତି ଦିଲ୍ଲୀପ କୁମାର ରାଉଳ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ସୁଶାନ୍ତ ମିଶ୍ର, ସଂଯୋଜକ ପ୍ରଦୀପ ମହାନ୍ତି, ମୂରଲୀଧର ବେହେରା, ସହ ଅନ୍ୟାନ୍ୟ ନେତା ଓ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ରହି ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

**ବଡଚଣା:** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ଚଣ୍ଡିଖୋଲ ଛକ ସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ବ୍ଲକ୍ ବିଜେଡି ସଭାପତି ତାପସ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବଡଚଣା ବିଜେଡି ନେତା କ୍ୟାପଟେନ ରାଜ୍ ନାରାୟଣ ମହାପାତ୍ର ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କୈଳାଶ ଚନ୍ଦ୍ର ରାଉତ, ପ୍ରହଲ୍ଲାଦ ନନ୍ଦ, ଜିଲ୍ଲା ସମ୍ପାଦକ ସଂଜୟ କୁମାର ସ୍ୱାଇଁ, ଦିଲ୍ଲିପ କୁମାର ସାମଲ, ମନ୍ମଥ କେଶରୀ ସାହେବ୍ ରାୟ, ଯାଦବ ସଂଘ ସଭାପତି ଧୂଳେଶ୍ୱର ଦାସ, ଯୁବ ବିଜେଡି ସଭାପତି ପ୍ରଦୀପ୍ତ ମହାନ୍ତି, ପ୍ରକାଶ ପ୍ରଧାନ, ଛାତ୍ର ବିଜେଡ଼ି ସଭାପତି ସଂଜୟ କୁମାର ବେହେରା। ଜିଲ୍ଲା ସମ୍ପାଦକ, ନିରଞ୍ଜନ ବିଶ୍ୱାଳ, ଦମୟନ୍ତୀ ସାମଲ, ଗଣେଶ୍ୱର ସାମଲ, ରତ୍ନ ମଞ୍ଜରୀ ନାୟକ, ଜୟନ୍ତୀ ସ୍ୱାଇଁ, ଯୁଗଳ କିଶୋର ଖିଲାର, ଗୁଲାମ ଖାଁ, ଧନେଶ୍ୱର ସାମଲ, ତ୍ରୈଲୋକ୍ୟ ନାୟକ, ବିବେକାନନ୍ଦ ସୁବୁଦ୍ଧି, ଜଗନ୍ନାଥ ମୁଦୁଲି, ମାନଗୋବିନ୍ଦ ସେଠୀ ପ୍ରମୁଖ ଯୋଗଦେଇଥିଲେ। ସକାଳେ ଚଣ୍ଡିଖୋଲ ଛକ ଠାରେ ଥିବା ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।






**ବାଲିଚନ୍ଦ୍ରପୁର:** ବାଲିଚନ୍ଦ୍ରପୁର ଠାରେ ବିଜୁ ଜନତା ଦଳ ବଡ଼ଚଣା ପକ୍ଷରୁ ଯୁବନେତା ଯଶୋଦୀପ୍ତ ସାମଲଙ୍କ ତତ୍ତ୍ୱାବଧାନରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଶ୍ରାଦ୍ଧ ସଭାରେ ବିଜୁ ବିଚାର ମଞ୍ଚର ଆବାହକ ତଥା ବାଲିପଡ଼ିଆ ସରପଞ୍ଚ କିଶୋର ଚନ୍ଦ୍ର ବେହୁରା ସଭାପତିତ୍ୱ କରିଥିଲେ। ଏଥିରେ ଅତିଥିଭାବେ ରାଜ୍ୟ ବିଜୁ ଜନତା ଦଳର ସମ୍ପାଦକ ଅମ୍ବିକା ପ୍ରକାଶ ଦାସ ଯୋଗଦେଇଥିଲେ। ବିଜୁ ପଟ୍ଟନାୟକ ବହୁବାର ବାଲିଚନ୍ଦ୍ରପୁର ଆସିଥିବା ବେଳେ ବାଲିଚନ୍ଦ୍ରପୁର ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ବିକାଶରେ ତାଙ୍କର ପ୍ରମୁଖ ଭୂମିକା ଥିବାରୁ ସେ ଆଜି ଅଞ୍ଚଳବାସୀଙ୍କ ପାଖରେ ଚିରସ୍ମରଣୀୟ ହୋଇ ରହିଛନ୍ତି ବୋଲି ଅତିଥିମାନେ କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଛତିଆ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ବଡ଼ଚଣା ବିଜୁ ମହିଳା ଜନତା ଦଳର ପ୍ରାକ୍ତନ ସଭାନେତ୍ରୀ ତଥା ପ୍ରାକ୍ତନ ସରପଞ୍ଚ ଦମୟନ୍ତୀ ସାମଲ, ଗୋପାଳପୁର ସମିତି ସଭ୍ୟା ପୁଷ୍ପଲତା ସାମଲ, ମାଣ୍ଡୁକା ସମିତିସଭ୍ୟା ମିନତୀ ଦଳେଇ, ଜିଲ୍ଲା ବିଜେଡି ସମ୍ପାଦକ ଅଶ୍ୱିନୀ କୁମାର ବଳ, ବିଜେଡି ସୋସିଆଲମିଡିଆ ସଭାପତି ସୁଶାନ୍ତ କୁମାର ପରିଡ଼ା, ସଂଖ୍ୟାଲଘୁ ସମ୍ପ୍ରଦାୟ ନେତା ସେକ୍ ବଦୋ, ଅହିନୁଲ ଖାଁ, ଚାରିନଙ୍ଗଳ ବରିଷ୍ଠ ନାଗରିକ ସଭାପତି ଅକ୍ଷୟ କୁମାର ବଳ, ବିଜେଡି ନେତା ଅଜୟ ସାମଲ, ପ୍ରତାପ ସେନାପତି, ସୁଦର୍ଶନ ଦଳେଇ, ଭାଗ୍ୟଧର ବେହେରା, ବଡ଼ଘୁମୁରି ବିଜୁ ଛାତ୍ରଦଳର ସଭାପତି ସୌମ୍ୟ ରଞ୍ଜନ ସାହୁ, ରାଧାଦେଇପୁର ବିଜେଡି ନେତା ମାନସ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅନିରୁଦ୍ଧ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଦାନଗଦି:** ଦାନଗଦି ବ୍ଲକ ବିଜୁ ଜନତାଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁବାବୁଙ୍କ ୨୯ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ମିଲିଟାରୀ ଛକ ନିକଟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଶତାଧିକ ବିଜୁ ପ୍ରେମୀଙ୍କ ସହ ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଜୁ ପଟ୍ଟନାୟକ ଥିଲେ କଳିଙ୍ଗବୀର, ସ୍ୱାଭିମାନୀ, ବିକାଶ ପୁରୁଷ। ସାରା ଓଡିଶା ବାସୀଙ୍କ ସାହସ ଓ ଝଡର ଇଗଲ। ଶିକ୍ଷା ସ୍ୱାସ୍ଥ୍ୟ ଗମନା ଗମନ ଆଦିର ବିକାଶ ତାଙ୍କ ସେ ସର୍ବଦା ଚେଷ୍ଟିତ ଥିଲେ ବୋଲି ଅତିଥିମାନେ କହିଥିଲେ। ଏହି ସମାରୋହରେ ବିଜେଡି ଦଳର ବହୁ ଛାମୁଆ କର୍ମୀ ଉପସ୍ଥିତ ଥିଲେ।

**ବ୍ୟାସନଗର:** କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ୟାସନଗର ସଂସ୍କୃତି ଭବନ ପରିସରରେ ପ୍ରବାଦ ପୁରୁଷ ତଥା ଝଡ଼ର ଇଗଲ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟାନନ୍ଦ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ବିଜେଡି ନେତା ଭବ ପ୍ରସାଦ ଦାସ (ଲାଲ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ମହିଳା ସଭାନେତ୍ରୀ ସବିତା ରାଉତ, ବ୍ୟାସନଗର ବିଜେଡି ସଭାପତି ଅମୂଲ୍ୟ କୁମାର ନାୟକ, କୋରେଇ ବ୍ଲକ ବିଜେଡି ସଭାପତି କାବୁ ମହାନ୍ତି, ଯୁବ ନେତା ତଥା କାଉନସିଲର ସିଦ୍ଧାର୍ଥ ଶଙ୍କର ସାମଲ, ଶିବାନନ୍ଦ ନାୟକ, ଉମିଳା ପରିଡ଼ା, ପାର୍ଥସାରଥୀ ନାୟକ, ତପସ୍ୱିନୀ ଶତପଥୀ, ଯୁବ ନେତ୍ରୀ ଲୀଳାବତୀ ସ୍ୱାଇଁ, ଦିଲୀପ କୁମାର ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଉମାକାନ୍ତ ମାଝୀ, ସଂଜୟ କୁମାର ପ୍ରଧାନ, ରସୁଲପୁର ବ୍ଲକ ବିଜେଡି ସଭାପତି ବିଜୟ କୁମାର ଘଡ଼େଇ, ରାକେଶ କୁମାର ମହାନ୍ତି, ମନୋଜ କୁମାର ପରିଡ଼ା, ମଞ୍ଜୁଶ୍ରୀ ପଣ୍ଡା, କାଉନସିଲର ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।

**ଧର୍ମଶାଳା:** ଧର୍ମଶାଳା ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୨୯ତମ ଶ୍ରାଦ୍ଧ ଦିବସ ଜାରକାସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ସଭାପତି ପ୍ରଶନ୍ନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ବିଜୁବାବୁଙ୍କ ଜୀବନୀ ସମ୍ପର୍କରେ ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି, ଦୁଶାସନ ସାହୁ, ସନ୍ତୋଷ କୁମାର ଜେନା, ଅମରେନ୍ଦ୍ର ରାୟ, ସୁରେନ୍ଦ୍ର ପଣ୍ଡା, ଉତମ କୁମାର ଦାସ, ବିକାଶ ବେହେରା, ରାଜକିଶୋର ମହାନ୍ତି, ଦୁଃଶାସନ ନାୟକ, ଜଗଦାନନ୍ଦ ରାଉତ, ସୁବ୍ରତ ଧଳ, ମମତା ଦଣ୍ଡପାଟ, ଅଶୋକ ସାହୁ, ବିଜୟ କୁମାର ରାଉତ, ସଞ୍ଜୟ ଧିର ପ୍ରମୁଖ ବିଜୁବାବୁଙ୍କ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କେତେକ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବିଜେଡିର ବହୁ ସଂଖ୍ୟାରେ କର୍ମକର୍ତ୍ତା ଯୋଗଦେଇଥିଲେ। ପ୍ରହଲ୍ଲାଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନିମ୍ବଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର

କୁଆଖିଆ,୧୭।୪(ସମିସ): କୁଆଖିଆ ଥାନା ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ହରିପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଏକ ନିମ୍ବ ଗଛରେ ଝୁଲୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଏହି ଗ୍ରାମର ବାବୁଲି ପ୍ରଧାନ (୫୫) ଗତକାଲି ସନ୍ଧ୍ୟା ଠାରୁ ଘରୁ ନିଖୋଜ ଥିଲା। ବାବୁଲିକୁ ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ପାଇ ପାରି ନଥିଲେ। ଆଜି ସକାଳେ ଏକ ନିମ୍ବ ଗଛରେ ବାବୁଲିର ମୃତଦେହ ଗାମୁଛା ଦ୍ୱାରା ଝୁଲୁଥିବା ଦେଖିବାକୁ ପାଇଥିଲେ। ତେବେ ଘଟଣା ସମ୍ପର୍କରେ ପରିବାର ପକ୍ଷରୁ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଉକ୍ତ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ନଂ ୬/୨୬ ରୁଜୁ କରି ପୋଷ୍ଟମଟମ୍ ନିମନ୍ତେ ଯାଜପୁର ମେଡିକାଲକୁ ପଠାଇଥିବା ଜଣା ପଡିଛି।

## ବାଦୁଡ଼ିଙ୍କ ଉପରେ ପାଣି ସିଞ୍ଚନ

କବାଟବନ୍ଧ,୧୭।୪(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ବଣିଆ ସାହି ନିକଟରେ ଥିବା ବାଦୁଡ଼ିଙ୍କ ଉପରେ ଅଗ୍ନିଶମ ବାହିନୀ ପକ୍ଷରୁ ପାଣି ସିଞ୍ଚନ କରାଯାଇଛି। ଶୁକ୍ରବାର ଚଢ଼େଇଧରା ଫାୟାର ଷ୍ଟେସନ ଅଧିକାରୀ ଉଦ୍ଧବ ଚରଣ ସାହୁଙ୍କ ଉପସ୍ଥିତରେ ଏକ ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ଥିଲେ। ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଯୋଗୁଁ ବହୁ ବାଦୁଡ଼ି ବହୁ କଷ୍ଟରେ ରହୁଥିବାରୁ ବନ ବିଭାଗ ପକ୍ଷରୁ ସେମାନଙ୍କ ସୁରକ୍ଷା ପାଇଁ ଏହି ଉଦ୍ୟମ ହୋଇଛି। ପ୍ରାୟ ଶହେ ବର୍ଷରୁ ଊର୍ଦ୍ଧ୍ୱ ହେବ କବାଟବନ୍ଧ ବଣିଆ ସାହି ନିକଟରେ ରହିଥିବା ବିଭିନ୍ନ ଗଛରେ ହଜାର ହଜାର ସଂଖ୍ୟାରେ ବାଦୁଡି ରହି ଆସୁଛନ୍ତି। ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଯୋଗୁଁ ଏହି ବିରଳ ପ୍ରଜାତିର ବାଦୁଡିମାନେ ବହୁ କଷ୍ଟରେ ରହୁଛନ୍ତି। ଗତ ୨ ବର୍ଷ ତଳେ ଖରା ସହି ନ ପାରି ନିକଟରେ ଥିବା ଅନ୍ୟ ଏକ ଆମ୍ବ ଗଛକୁ କିଛି ବାଦୁଡ଼ି ଚାଲି ଯାଇଥିଲେ। ବାଦୁଡ଼ିଙ୍କ ଓଜନ ସହି ନ ପାରି ଏକ ଆମ୍ବ ଗଛ ଡାଳ ଭାଙ୍ଗି ଯାଇଥିଲା। ଫଳରେ ୧୫ରୁ ଊର୍ଦ୍ଧ୍ୱ ବାଦୁଡି ତଳେ ପଡ଼ି ମରିବା ସହିତ ପ୍ରାୟ ୫୦ଊର୍ଦ୍ଧ୍ୱ ଆହତ ହୋଇଥିଲେ। ବାଦୁଡ଼ିଙ୍କ ସୁରକ୍ଷା ପାଇଁ ଶୁକ୍ରବାର ଗଡ଼ମଧୁପୁର ଫରେଷ୍ଟ ସେକ୍ସନ ପକ୍ଷରୁ ଅଗ୍ନିସମ ବାହିନୀର ସହଯୋଗରେ ମିଳିତ ଭାବେ ପାଣି ସିଞ୍ଚନ କରାଯାଇଛି। ଅଗ୍ନିଶମ ବାହିନୀ ପକ୍ଷରୁ ଷ୍ଟେସନ ଅଫିସର ଉଦ୍ଧବ ଚରଣ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଅନ୍ୟ କର୍ମଚାରୀ ସହିତ ଫରେଷ୍ଟର ଚିତ୍ତରଞ୍ଜନ ବିଶ୍ୱାଳଙ୍କ ନିର୍ଦ୍ଦେଶରେ ବନ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



## ଜିନ୍ଦଲ ଷ୍ଟେନଲେସର ଅଗ୍ନିଶମ ସେବା ସପ୍ତାହ



ଦାନଗଦି,୧୭।୪(ସମିସ): ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ପକ୍ଷରୁ ସ୍ଥାନୀୟ ପିଏମଶ୍ରୀ ବୁଦ୍ଧରାଜା ସରକାରୀ ବିଦ୍ୟାପୀଠ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଦାନଗଦିରେ ଅଗ୍ନିସେବା ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ, "ନିରାପଦ ସ୍କୁଲ, ନିରାପଦ ହସ୍ପିଟାଲ ଏବଂ ଅଗ୍ନି ନିରାପତ୍ତା ସଚେତନ ସମାଜ- ଅଗ୍ନି ନିବାରଣ ପାଇଁ ଏକାଠି' ଅନୁରୂପ ଏହି ପଦକ୍ଷେପ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ସ୍କୁଲ କର୍ମଚାରୀଙ୍କ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀମାନଙ୍କ ମଧ୍ୟରେ ଅଗ୍ନି ପ୍ରସ୍ତୁତି ଏବଂ ସୁରକ୍ଷା ସଚେତନତାକୁ ସୁଦୃଢ଼ କରିବା ପାଇଁ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବୁଦ୍ଧରାଜା ସରକାରୀ ବିଦ୍ୟାପୀଠରୁ ମୋଟ ୪୬୦ ଜଣ ଛାତ୍ରଛାତ୍ରୀ ଓ ମେଡିକାଲର ସମସ୍ତ କର୍ମଚାରୀ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେନଡେଣ୍ଟ ଜ୍ୟୋତିରଞ୍ଜନ ମହାପାତ୍ର ଏବଂ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଯେଉଁମାନେ ସମସ୍ତେ ଅଧିବେଶନ ଏବଂ ପ୍ରଦର୍ଶନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ତାଲିମ ପରେ, ମୁଖ୍ୟ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଏକ ପାରସ୍ପରିକ ପ୍ରଶ୍ନୋତ୍ତର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଅଂଶଗ୍ରହଣକୁ ଉତ୍ସାହିତ କରିବା ଏବଂ ଅଗ୍ନି ନିରାପତ୍ତା ଅଭ୍ୟାସ ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏହି ପଦକ୍ଷେପ ବିଷୟରେ, ଜିନ୍ଦଲ ଷ୍ଟେନଲେସର ପ୍ରତିନିଧି କହିଥିଲେ ଯେ ସୁରକ୍ଷା କେବଳ ଯେ ଶିଳ୍ପ କାର୍ଯ୍ୟ ପର୍ଯ୍ୟନ୍ତ ସୀମିତ ତାହା ନୁହେଁ, ବରଂ ବାହାରେ ଯେଉଁ ସମ୍ପ୍ରଦାୟରେ ଶିଳ୍ପ କାର୍ଯ୍ୟ କରେ ସେହି ସମ୍ପ୍ରଦାୟ ପର୍ଯ୍ୟନ୍ତ ଏହା ବ୍ୟାପ୍ତ। ଏହି ପଦକ୍ଷେପ ଶିକ୍ଷା, ସଚେତନତା ଏବଂ ସହଯୋଗ ମାଧ୍ୟମରେ ସ୍ଥାୟୀ ସମ୍ପ୍ରଦାୟ ବିକାଶ ଏବଂ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ପାଇଁ ଜିନ୍ଦଲ ଷ୍ଟେନଲେସର ବ୍ୟାପକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି।

## ଅଭିରାମ ପରମହଂସ ଭକ୍ତ ସମ୍ମିଳନୀ

ଧର୍ମଶାଳା,୧୭।୪(ସମିସ): ଧର୍ମଶାଳା ବ୍ଲକ୍ ଅଭୟପୁର ପଞ୍ଚାୟତ ଅଚ୍ୟୁତପୁର ସ୍କୁଲ ଖେଳପଡ଼ିଆରେ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସଙ୍କ ତ୍ରୟୋଦଶ ବାର୍ଷିକ ଭକ୍ତ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ୩ଦିନ ବ୍ୟାପୀ ଅନୁଷ୍ଠିତ ଭକ୍ତ ସମ୍ମିଳନୀର ବିଭିନ୍ନ ଦିବସରେ ଠାକୁରଙ୍କ ନଗର ପରିକ୍ରମା, ଷୋଡ଼ଶ ଉପଚାର ପୂଜା, ଆଳତୀ, ଠାକୁରଙ୍କ ରଚିତ ଭଜନ, ହରିକଥା, ପ୍ରବଚନ, ପାଲା, ଭାଗବତ ପାଠ ଓ ଲୀଳାଚରିତ ନାଟକ ଆଦି ପରିବେଷିତ ହୋଇଥିଲା। ଶାନ୍ତିଧାମ କରମଳାର ବାବାଜୀ ନୀଳମଣି ଦାସ ମହାରାଜଙ୍କ ପୌରୋହିତ୍ୟରେ ପ୍ରତ୍ୟେକ ସନ୍ଧ୍ୟାରେ ଅନୁଷ୍ଠିତ ଧର୍ମସଭାରେ ସନ୍ନ୍ୟାସୀ ଦିବ୍ୟଚେତନ ଦାସ, ସତ୍ୟ ପ୍ରଜ୍ଞାନନ୍ଦ ଦାସ, ରାଧାରମଣ ଦାସ, ବାବାଜୀ ବିମ୍ବାଧର ଦାସ, ଦୀନକୃଷ୍ଣ ଦାସ ଓ ଦୟାନିଧି ଦାସ ଯୋଗଦେଇଥିଲେ। ପାଲା ଗାୟକ ବନମାଳି ଓଝା, ପୁଷ୍ପଲତା ରଥ ଓ ସାଥୀ ପାଲା ପରିବେଷଣ କରିଥିଲେ। ଅଧ୍ୟାପକ ଉତ୍ତମ ଦାସଙ୍କ ରଚିତ ଓ ନିର୍ଦ୍ଦେଶନାରେ ଲୀଳା ନାଟକ "ସିଦ୍ଧି ରୂପରେ ସମାଧିରେ' ମଞ୍ଚସ୍ଥ ହୋଇଥିଲା। ଆୟୋଜକ ଅଚ୍ୟୁତପୁରର ଶ୍ରୀ ଅଭିରାମ ଆଞ୍ଚଳିକ ଭକ୍ତ ଗୋଷ୍ଠୀର ସଭାପତି ଅଭିରାମ ବରାଳ, ସଂପାଦକ ପ୍ରଦୀପ୍ତ କୁମାର ଲେଙ୍କା, ପୁଷ୍ପରାଜ ବରାଳ, ଭାଗ୍ୟଧର ମହାନ୍ତି, ବିପିନ ବିହାରୀ ବିଶ୍ୱାଳ, ଜ୍ୟୋତିନ୍ଦ୍ର ବରାଳ, ରବୀନ୍ଦ୍ର ରାଉତ, ରମେଶ ଶତପଥୀ, ବିଦ୍ୟାଧର ଲେଙ୍କା, ପ୍ରଦୀପ୍ତ ଦାସ, ଶ୍ୟାମସୁନ୍ଦର ସାହୁ, ସତ୍ୟଭାମା ମହାନ୍ତିଙ୍କ ସମେତ ସମସ୍ତ ସଭ୍ୟସଭ୍ୟା ସମ୍ମିଳନୀ ପରିଚାଳନାରେ ସହଯୋଗ କରିବା ସହ ଲୀଳା ନାଟକରେ ଅଭିନୟ କରିଥିଲେ।

## ଜୟଦୁର୍ଗା ଭଲିବଲ୍ ଟୁର୍ଣ୍ଣାମେଣ୍ଟ

ପ୍ରୀତିପୁର,୧୬।୪(ସମିସ): ବିଞ୍ଝାରପୁର ବ୍ଲକ ପ୍ରୀତିପୁର ଦୁର୍ଗା ପଡ଼ିଆରେ 'ଜୟଦୁର୍ଗା ଭଲିବଲ୍ ଟୁର୍ଣ୍ଣାମେଣ୍ଟ' ଅନୁଷ୍ଠିତ ହୋଇଯାଇଛି। ଦେୱାନପାଟନାର ଶ୍ରୀବିନାୟକ ୟୁଥ୍ କ୍ଲବ୍ ଦ୍ୱାରା ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଦିନ ୩ଟାରୁ ଆରମ୍ଭ ହୋଇଥିବା ମ୍ୟାଚ୍ ଗୁଡ଼ିକ ରାତି ପର୍ଯ୍ୟନ୍ତ ଚାଲିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମା' ଜାଗୁଳେଇ କ୍ଲବ୍, ଉତ୍ତରକୁଳ ଓ ନେତାଜୀ କ୍ଲବ୍, ପ୍ରୀତିପୁର ମଧ୍ୟରେ ଫାଇନାଲ ଖେଳାଯାଇଥିଲା। ଏଥିରେ ନେତାଜୀ କ୍ଲବ୍ ପ୍ରୀତିପୁର ବିଜୟୀ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଆଳକୁଣ୍ଡ ଥାନା ଅଧିକାରୀ, ସରପଞ୍ଚ ଆଳକୁଣ୍ଡ ସୁଶାନ୍ତ ଦାସ, ପ୍ରୀତିପୁରର ସରପଞ୍ଚ ଭାଗୀରଥି ଦାସ, କ୍ରୀଡାବିତ୍ ପ୍ରମୋଦ ବିଶ୍ୱାଳ, ଶିକ୍ଷାବିତ୍ ପର୍ଶୁରାମ ସାମଲ, ସମାଜସେବୀ କୈଳାଶ ଚନ୍ଦ୍ର ଜେନା, ଜୟ ଦୁର୍ଗା କ୍ଲବର ସଭାପତି ଅଞ୍ଜନ ପାତ୍ର ଓ ସଚିବ ଅକ୍ଷୟ କୁମାର ସାହୁ ଉପସ୍ଥିତ ଥିଲେ। ଏଥିରେ ବିନାୟକ କ୍ଲବର ମୁଖ୍ୟ ବିଚିତ୍ରାନନ୍ଦ ସାହୁ, ନିରଞ୍ଜନ ସାହୁ, ରୁଦ୍ର ନାରାୟଣ ତ୍ରିପାଠୀ, ଆଲୋକ କୁମାର ସାହୁ, ସୁନୀତ କୁମାର ସାହୁ, ସୁଶୀଳ ସାହୁ, ପ୍ରହ୍ଲାଦ ଜେନା, ଦିନବନ୍ଧୁ ଧଳ, ନରେଶ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଯୁଣଭଦ୍ରା ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ପ୍ରୀତିପୁର,୧୬।୪(ସମିସ): ଆଜି ବିଞ୍ଝାରପୁର ବ୍ଲକ ସ୍ଥିତ ଯୁଣଭଦ୍ରା ମହାବିଦ୍ୟାଳୟର, ବିତନାରେ ଓଡିଆ ପକ୍ଷ ପାଳନ ଅବସରରେ ମହାବିଦ୍ୟାଳୟର ଯୁବ ରେଡକ୍ରସ ତଥା ଏନ୍ଏସ୍ଏସ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ମାନସ ରଞ୍ଜନ ଲେଙ୍କା ଉଦ୍‌ଘାଟନ କରିବା ସହ ଶିବିରର ପ୍ରଥମ ରକ୍ତଦାତା ଭାବେ ରକ୍ତଦାନ କରିଥିଲେ। ଉକ୍ତ ଶିବିରକୁ ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରେଡକ୍ରସ ବ୍ଲଡ ବ୍ୟାଙ୍କ, ଯାଜପୁର, ଯୁବ ରେଡକ୍ରସର ସଂଯୋଜକ ଅଧ୍ୟାପକ ରବି ନାରାୟଣ ବେହେରା, ଅଧ୍ୟାପିକା ସରୋଜିନୀ ମଲ୍ଲିକ, ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ସୁବାସ ଚନ୍ଦ୍ର ନାୟକ, ଅଧ୍ୟାପକ ଦେବାଶିଷ ଖମାରି ଏବଂ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ। ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡା. ପ୍ରଶାନ୍ତ କୁମାର ବିଶ୍ୱାଳ ଓ ସହଯୋଗୀ ମାନେ ରକ୍ତ ଗ୍ରହଣ କରିଥିଲେ। ଉକ୍ତ ଶିବିରରୁ ୨୮ ୟୁନିଟ୍ ରକ୍ତ ନମୁନା ସଂଗ୍ରହ ହୋଇଥିଲା।



# ମାଟିରେ ମିଶିଲା ୧୩ ଘର; ଉତ୍ତେଜନା



ବାସୁଦେବପୁର, ୧୭ ।୪(ସମିସ)

ବାସୁଦେବପୁର କୋର୍ଟ ନିକଟସ୍ଥ ବାଲିନଗର ମଳିକ ସାହିର କିଛି ଲୋକ ଦୀର୍ଘ ଦିନ ଧରି ସରକାରୀ ଜମିରେ ବେଆଇନ ଭାବେ ଜବରଦଖଲ କରି ଘର ନିର୍ମାଣ କରି ପିଲାଛୁଆ ଧରି ରହି ଆସୁଥିଲେ। ପୁଲିସ ଓ ପ୍ରଶାସନ ପକ୍ଷରୁ ସରକାରୀ ଜମିରୁ ଘର ଉପରେ ବୁଲଡୋଜର ଚଢ଼ାଇ ଉଚ୍ଛେଦ କରାଯାଇଛି। ବାସୁଦେବପୁର କୋର୍ଟକୁ ଲାଗି ବାଲିନଗର ମଳିକ ସାହିର ବହୁ ଲୋକ ରାସ୍ତାର ଦୁଇ ପାର୍ଶ୍ୱର ଅବରୋଧ କରିଥିଲେ। ଅବରୋଧ ଯୋଗୁଁ ଜଳ ନିଷ୍କାସନରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ପୌରପାଳିକାର ଅଧିକାରୀ ସବୁ ଦେଖି ମଧ୍ୟ ନିରବ ଦ୍ରଷ୍ଟା ସାଜିଛନ୍ତି। ଏହି ମଳିକ ସାହିର ଲୋକମାନଙ୍କ ପାଇଁ ସ୍ୱତନ୍ତ୍ର ପାଇଖାନା ନିର୍ମାଣ କରାଯାଇ ଥିଲେ ମଧ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ମଳତ୍ୟାଗ କରୁଥିବାରୁ ଏହି ରାସ୍ତାରେ କୋର୍ଟକୁ ଯାତାୟତ କରିବା ଲୋକମାନଙ୍କ ପାଇଁ ସମସ୍ୟା ହେଉଛି। ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଶୀତତାପ ନିୟନ୍ତ୍ରିତ ଗାଡିରେ କାଚ ଦେଇ ଯାଉଥିବାରୁ ବାସ୍ତବ ଚିତ୍ର ଠାରୁ ବହୁ ଦୂରରେ ରହୁଛନ୍ତି। ବର୍ଷ ବର୍ଷ ଧରି ଗୋଟିଏ ପରେ ଗୋଟିଏ ବେଆଇନ ଭାବେ ସରକାରୀ ଜାଗାକୁ ଲୋକେ ମାଡିବସିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିଲା। ସରକାରୀ ଜାଗା କୋର୍ଟକୁ ହସ୍ତାନ୍ତର କରୁଥିବାରୁ ବେଆଇନ ଘର ପ୍ରତିବନ୍ଧକ ସାଜିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଭଦ୍ରକ ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ, ବାସୁଦେବପୁର ଥାନା ଆଇଆଇସି ନିରୋଜ ସାମଲ, ନାହିକାଣୀଡିହି ଥାନା ଆଇଆଇସି ଉମାଶଙ୍କର ନାୟକ, କସିଆ ସାମୁଦ୍ରିକ ଥାନା ଆଇଆଇସି ସୁଜାତା ଖମାରୀ ଓ ପୁଲିସ କର୍ମଚାରୀଙ୍କ ଉପସ୍ଥିତରେ ଜବରଦଖଲ ଉଚ୍ଛେଦ ଅଭିଯାନ ଜୋରଦାର ହୋଇଥିଲା। ଉଚ୍ଛେଦବେଳେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ପୁଲିସର ହସ୍ତକ୍ଷେପ ପରେ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା।

# ସଠିକ୍ ଢଙ୍ଗରେ ନିର୍ମାଣ ହେଉନି ରାସ୍ତା ଓ ଡ୍ରେନ୍; ପାଣିରେ ପଡ଼ିବ ସାଢ଼େ ୧୭ କୋଟି!

**ଭଦ୍ରକ, ୧୭ ।୪(ସମିସ):** ଭଦ୍ରକ ସହରରେ ସରକାରୀ ଜମିରେ ଥିବା ଦୋକାନଘର ଉଚ୍ଛେଦ ପରେ ଏବେ ସହରର ମୁଖ୍ୟ ରାସ୍ତା କାମ ଆରମ୍ଭ ହୋଇଛି। ପ୍ରାୟ ୧୭ କୋଟି ୫୦ ଲକ୍ଷ ଟଙ୍କାର ରାସ୍ତା କାମ ପାଇଁ ଗତ ୪ ମାସ ତଳେ ଟେଣ୍ଡର ହୋଇଥିଲା। ଏବେ କାମ ଆରମ୍ଭ ହେଉଛି। ତେବେ ନିର୍ମାଣାଧୀନ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟର ମାନ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ, ଭଦ୍ରକ ସହରର ମୁଖ୍ୟରାସ୍ତାକୁ ବହୁ ବର୍ଷ ଧରି ଜବରଦଖଲ କରି ବ୍ୟବସାୟ କରୁଥିବା ଗୋଷ୍ଠୀଙ୍କୁ ସରକାରଙ୍କ ନିର୍ଦ୍ଦେଶ ପରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ତେବେ ଜବରଦଖଲ ହଟିବା ପରେ ଏବେ ରାସ୍ତା କାମ ଆରମ୍ଭ ହୋଇଛି। ତେବେ କାମ ଆରମ୍ଭରୁ ଅନିୟମିତତା ଦେଖିବାକୁ ମିଳିଛି। ସଠିକ୍ ଢଙ୍ଗରେ କାମ ହେଉନଥିବାରୁ ସାଢ଼େ ୧୭ କୋଟି ପାଣିରେ ପଡ଼ିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ମୂଳରୁ ଏହି କାମ ଖରାପ ହେବା ସନ୍ଦେହ ପ୍ରକାଶ ପାଇଛି। ଭଦ୍ରକ ସହରର କାମ ଯେଉଁ ଭଳି ଭାବରେ ହେବା କଥା ତାହା ହେଉ ନାହିଁ।



ସୂଚନାଯୋଗ୍ୟ, ରାସ୍ତା କାମ ପାଇଁ ମୁଖ୍ୟ ରାସ୍ତା ମଝିରେ ଥିବା ପୁରୁଣା ବିରାଟକାୟ ଗଛ ସବୁ କଟା ଯାଉଛି। ରାସ୍ତା ପାଇଁ ଗଛ କଟା ଯାଉଥିବା ବେଳେ ରାସ୍ତା ଉପରେ ଥିବା ପୁରୁଣା ବିଦ୍ୟୁତ ଖୁଣ୍ଟଗୁଡ଼ିକୁ ଉଠାଯାଉ ନାହିଁ। ରାସ୍ତାରୁ ମାଟି ଖୋଳା ଯାଇ ବାଲି ଫିଲିଙ୍ଗ ହେବା ଜାଗାରେ ଡଷ୍ଟ ପକାଯାଉଛି। ରାସ୍ତାକାମରେ ପ୍ରଥମେ ବାଲି ଓ ପରେ ମୋରମ ପକାଯାଇ ରୋଲିଂ କରାଯିବା କଥା ଏହାପରେ ମେଟାଲ ପକାଯାଇ ରୋଲିଂ କରାଯିବା କଥା। ମାତ୍ର ଏଠାରେ ତାହା କରାଯାଉନାହିଁ।

ମୋଟାମୋଟି ଭଦ୍ରକ ସହରକୁ ସରସ ସୁନ୍ଦର କରିବାକୁ ହେଲେ ଭଲ ରାସ୍ତା ଆଉ ଡ୍ରେନ ନିର୍ମାଣ ଠିକ ଭାବରେ ହେବା ଆବଶ୍ୟକ ବୋଲି ଲୋକେ ମତବ୍ୟକ୍ତ କରିଛନ୍ତି। କେବଳ ଠିକାଦାର ଓ ପୂର୍ତ୍ତ ବିଭାଗ ମୋଟା ଅଙ୍କର ଲାଭ କରିବାକୁ ଏହି କାମ ନହେଉ ବୋଲି ବୁଦ୍ଧିଜୀବୀ ମହଲ ମତପ୍ରକାଶ କରିଛି। ସୂଚନାଯୋଗ୍ୟ, ମହତାବ ଛକ ଠାରୁ ରାସ୍ତା କାମ ଆରମ୍ଭ ହୋଇ କଚେରି ବଜାର, ଟାଉନହଲ ଛକ, ନୂଆବଜାର ଯାଏଁ ଏହି କାମ ଆରମ୍ଭ ହୋଇଛି।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ଭଦ୍ରକ, ୧୭ ।୪(ସମିସ):** ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ଶୋଚନୀୟ ଭାବେ ମୃତ୍ୟୁ ଘଟିଛି। ତେବେ ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଜଣେ ନାବାଳକ। ଭଦ୍ରକ ଆରଡି ଛକ ସର୍ଭିସ ରୋଡରେ ଯାଉଥିବା ବେଳେ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଯୁବକଙ୍କ ଜୀବନ ଚାଲି ଯାଇଥିଲା। ତେବେ ଏହି ବାଇକ୍‌ରେ ଥିବା ଜଣେ ନାବାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମୃତକଙ୍କ ପରିଚୟ ଜଣାପଡ଼ିନ। ହିଁ ନାବାଳକ ଜଣଙ୍କ ଠିକଣା କହି ପାରୁ ନଥିବାରୁ ପରିଚୟ ମିଳିପାରିନାହିଁ। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଯୋଗୁଁ କିଛି ସମୟ ଯାତାୟତ ବାଧାପ୍ରାପ୍ତ ହୋଇଥିଲା।

## ଦୁର୍ଘଟଣାରେ ଯାତ୍ରାଭିନେତା ରୁଦ୍ର ଗୁରୁତର

**ଭଦ୍ରକ, ୧୭ ।୪(ସମିସ):** ଧଉଳି ଗଣନାଟ୍ୟର ଯାତ୍ରା ଅଭିନେତା ରୁଦ୍ର ନାରାୟଣ ଏକ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ତାଙ୍କୁ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି। ସେ ପୀରହାଟରୁ ଭୁବନେଶ୍ୱର ଫେରୁଥିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଭଦ୍ରକ ନାଲଙ୍ଗ ଛକ ୧୬ ନମ୍ବର ଜାତୀୟ ରାଜପଥରେ ଘଟିଥିବା ଏହି ଦୁର୍ଘଟଣା ପରେ ଆହତ ରୁଦ୍ରଙ୍କୁ ସ୍ଥାନୀୟ ଲୋକେ ନିକଟସ୍ଥ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ବର୍ତ୍ତମାନ ସୁଦ୍ଧା କେଉଁ ଗାଡ଼ି ଧକ୍କା ଦେଇଛି, ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ମେଡିକାଲରେ ରୁଦ୍ରଙ୍କ ପ୍ରାଥମିକ ଚିକିତ୍ସା ପରେ ସିଟି ସ୍କାନ୍ କରାଯାଇଛି।



## ଅଗ୍ନିକାଣ୍ଡରେ ୨ଗୋରୁ ଜୀବନ୍ତ ଦଗ୍ଧ



**ଆରଡି, ୧୭ ।୪(ସମିସ):** ଆରଡି ନିକଟସ୍ଥ ଭୂଇଁପୁର ଗାଁରେ ଶୁକ୍ରବାର ଭୋର ସମୟରେ ଅଶୋକ ବିଶ୍ୱାଳଙ୍କ ଗୁହାଳ ଘରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ୨ଟି ଗୋରୁଙ୍କର ଜୀବନ୍ତ ଦଗ୍ଧ ହୋଇଛି। ଗୁହାଳ ଘରେ ନିଆଁ ଦେଖି ଗାଁ ଲୋକ ଆୟତ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ନିଆଁର ପ୍ରକୋପ ଏପରି ଥିଲା ଆୟତ କରିବା ସମ୍ଭବ ହୋଇନଥିଲା। ଖବର ପାଇ ଅଗ୍ନିଶମ ଗାଡି ପହଞ୍ଚିଥିଲେ ମଧ୍ୟ ନିଆଁ ଆରେ ସବୁକିଛି ଜଳି ପୋଡି ପାଉଁଶ ହୋଇଯିବା ସହ ଗୁହାଳରେ ଥିବା ୨ଗୋରୁଙ୍କର ଜୀବନ୍ତ ଦଗ୍ଧ ହୋଇଥିଲା।

## ହାଇୱା ପଛରେ ପିଟିହେଲା ବାଇକ୍; ଯୁବକ ମୃତ

**ବନ୍ତ/ଆଗରପଡ଼ା, ୧୭।୪(ସମିସ):** ଭଦ୍ରକ-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥରେ ଗୁରୁବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଫଳରେ ବନ୍ତ ଥାନା ଅଧୀନ ଜାମିତୀରା ଛକ ନିକଟସ୍ଥ ଶ୍ରୀବନ୍ତପୁର ପେଟ୍ରୋଲ ପମ୍ପ ନିକଟରେ ଜଣେ ବାଇକ୍ ଆରୋହୀଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଚଣ୍ଡୀପୁର ଗ୍ରାମର ଗନି ଖାଁ ଙ୍କ ପୁଅ ଓସିମ୍ ଅକ୍ରମ୍ ଖାଁ (୪୫)। ସୂଚନା ଅନୁଯାୟୀ, ଗୁରୁବାର ରାତିରେ ନୋ-ଏଣ୍ଟ୍ରି ସମୟ ଥିବାରୁ ଏକ ବାଲି ବୋଝେଇ ହାଇୱା ରାଜପଥ କଡ଼ରେ ଅଟକି ରହିଥିଲା। ଏହି ସମୟରେ ଲାଲୁ ଏକ ମୋଟର ସାଇକେଲ ଯୋଗେ ଆସୁଥିବା ବେଳେ କୌଣସି କାରଣରୁ ନିୟନ୍ତ୍ରଣ ହରାଇ ଛିଡ଼ା ହୋଇଥିବା ହାଇୱା ପଛରେ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଏହି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ରାଜପଥ କଡ଼ରେ ଅସୁରକ୍ଷିତ ଭାବେ ଗାଡ଼ି ପାର୍କିଂ କରାଯାଉଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖବରପାଇ ବନ୍ତ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦ୍ୱୟକୁ ଜବତ କରି ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରେ ବନ୍ତ ଅତିରିକ୍ତ ତହସିଲଦାର ପ୍ରସନ୍ନ କୁମାର ମହାନ୍ତି, ଭାରାପ୍ରାପ୍ତ ଥାନାଧିକାରୀ ସଂଗ୍ରାମ ପଟ୍ଟନାୟକ ଏବଂ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଜ୍ୟୋତିରଞ୍ଜନ ନାୟକଙ୍କ ଉପସ୍ଥିତିରେ ରେଡକ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି। ଯୁବକଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଚଣ୍ଡୀପୁର ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ମାସେହେଲା ତାଲା ପଡ଼ିଛି ମେଳଣ କମିଟି ଘର

**ଦୋଳସାହି, ୧୭।୪(ସମିସ):** ତିହିଡ଼ି ଥାନାରେ ଗତ ୧ମାସରୁ ଅଧିକ ସମୟ ଧରି ଗ୍ରାମବାସୀଙ୍କ ପକ୍ଷରୁ ତିହିଡ଼ି ଥାନାରେ ଲିଖିତ ଅଭିଯୋଗ ହୋଇଛି। ମାତ୍ର ଅଦ୍ୟାବଧି ପୁଲିସ ପଦକ୍ଷେପ ନେଇ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତର ଝାଡ଼ପଟା ଗାଁରେ ଅନୁଷ୍ଠିତ ହେଉଥିବା ଐତିହାସିକ ଦୋଳ ମେଳଣର ମେଳଣ କମିଟି ଘରକୁ ଏହି ଗ୍ରାମର ଜଣେ ଯୁବକ ତାଲା ପକାଇବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଗତ ୧ମାସ ପୂର୍ବରୁ ତିହିଡ଼ି ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ତେବେ ଅଦ୍ୟାବଧି ପୁଲିସ ପଦକ୍ଷେପ ନେଇ ନ ଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ଭଦ୍ରକ ଜିଲ୍ଲାପାଳ ଓ ଏସ୍‌ପି ଦୃଷ୍ଟି ଦେବାକୁ ଦାବି ହୋଇଛି।



# ଶିଶୁମାନଙ୍କ ପାଇଁ କ୍ୟାରିୟର କାଉନସେଲିଂ କର୍ମଶାଳା




**ଭଦ୍ରକ, ୧୭।୪(ସମିସ):** ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ, ସଂଯୋଗ କଟକ, ଶିଶୁ ସୁରକ୍ଷା ୟୁନିଟ ଓ ଶିଶୁ ମଙ୍ଗଳ କମିଟି, ଭଦ୍ରକଙ୍କ ସହଯୋଗରେ ଜିଲ୍ଲା ସ୍ତରରେ ଥିବା ୭ଟି ଶିଶୁ ଅନୁଷ୍ଠାନର ଅନ୍ତେବାସୀଙ୍କ ନିମନ୍ତେ 'କ୍ୟାରିୟର କାଉନସେଲିଂ' ଶୀର୍ଷକ ଏକ ସଚେତନତା ମୂଳକ କର୍ମଶାଳା ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟାସିଂଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ, ସଦସ୍ୟ ପ୍ରଦୀପ୍ତ କୁମାର କର, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ଓ ବରିଷ୍ଠ ଆଇନ୍ ଅଧିକାରୀ ସୁବ୍ରତ ଦାସ ପ୍ରମୁଖ ଯୋଗଦାନ କରି ଶିଶୁମାନଙ୍କ ଭବିଷ୍ୟତ ପାଇଁ କ୍ୟାରିୟର ବିକଳ୍ପ, କୌଶଳ ଉନ୍ନତି ଓ ଲକ୍ଷ୍ୟ ନିର୍ଦ୍ଧାରଣ ସମ୍ପର୍କରେ ଆଲୋକପାତ କରି ଥିଲେ। ବିଷୟ ବିଶାରଦ ରୂପେ ରାମକିଶୋର ଶର୍ମା ଯୋଗଦାନ କରି କ୍ୟାରିୟର ଚୟନ, ଶିକ୍ଷା ଓ ଜୀବନ କୌଶଳ ବିଷୟରେ ବିସ୍ତୃତ ଆଲୋଚନା କରି ବିଭିନ୍ନ ଶିଶୁ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀ ଶିଶୁଙ୍କୁ ନିଜ ଭବିଷ୍ୟତ ପାଇଁ ନୂତନ ଦିଗ ଓ ଆତ୍ମବିଶ୍ୱାସ ଲାଭ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ତେବାସୀ ଓ ଶିଶୁ ଅନୁଷ୍ଠାନର କର୍ମକର୍ତ୍ତା ପ୍ରାୟୋଗିକ ଦିଗରେ ମାର୍ଗଦର୍ଶନ ଲାଭ କରିଥିଲେ। ମଞ୍ଚ ଆହ୍ୱାନ ସଂଯୋଗର ମଣ୍ଡଳ ସଂଯୋଜିକା ରୂପାଲି ମହାନ୍ତି ପ୍ରଦାନ ବେଳେ ମଣ୍ଡଳ ସଂଯୋଜକ ଜଗନ୍ନାଥ ସାହୁ, ବିକାଶ ମହାନ୍ତି, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ସୁରକ୍ଷା ଶାଖାର ପିଓଆଇସି ବିଶ୍ୱ ନାରାୟଣ ପଣ୍ଡା, ପିଓଏନାଇସି ସ୍ୱାଗତିକା ବାରିକ୍, ଦମୟନ୍ତୀ ଦାଶ, ମହେଶ ଦାଶ, ଲକ୍ଷ୍ମୀ ପ୍ରିୟା ମଲ୍ଲିକ ସମେତ ଶିଶୁ ଅନୁଷ୍ଠାନର ଅଧୀକ୍ଷକ ସରିତା ସାମଲ, ଲିପିକା ପଣ୍ଡା, ଯୋଗମାୟା ଚାନ୍ଦ, ଜ୍ୟୋତିପ୍ରକାଶ ପତି, ତଥାଗତ ଜେନା, ଦେବସ୍ମିତା ମହାନ୍ତି, ସମ୍ବିତ ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ ଶିଶୁ ସୁରକ୍ଷା ଶାଖାର ବରିଷ୍ଠ ଆଇନ୍ ଅଧିକାରୀ ସୁବ୍ରତ ଦାସଙ୍କ ଦ୍ୱାରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

**ସରକାରୀ ଯୋଜନା ସାତସପନ**

# ଅଭାବ ଅନଟନରେ ପ୍ରଭାତୀଙ୍କ ସଂସାର

**ଅସୁରାଳି, ୧୭ ।୪(ସମିସ):** ସରକାର ଗରିବ ଲୋକଙ୍କ ପାଇଁ ଶହ ଶହ ଯୋଜନା ପ୍ରଣୟନ କରାଯାଉଛି। କାହାରିକୁ ପକ୍କାଘର ତ କାହାକୁ ମାଗଣା ଚାଉଳ। କିନ୍ତୁ ଆଜି ବି ଏପରି କିଛି ଅସହାୟ ପରିବାର ଅଛନ୍ତି, ଯେଉଁମାନଙ୍କ ପାଖରେ ଏହି ସରକାରୀ ସୁବିଧା ପହଞ୍ଚିବା ପୂର୍ବରୁ ବାଟମାରଣା ହେଉଛି। ଏମିତି ଏକ କରୁଣ ଚିତ୍ର ଦେଖିବାକୁ ମିଳିଛି ଗଡ଼ିଆଳି ପଞ୍ଚାୟତ ଖାରଜି ଝାରଡିଆ ଗ୍ରାମରେ। ଏହି ଗାଁର ପ୍ରଭାତୀ ବାରିକ (୩୪) ଓ ସ୍ୱାମୀ ତାପସ ବାରିକ (୪୦)। ୨ଟି କୁନି ଝିଅ ଓ ବୃଦ୍ଧ ବାପା-ମା'ଙ୍କୁ ନେଇ ତାଙ୍କର ପରିବାର। ତାପସ ହିଁ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି। ପର ଘରେ ମୂଲ ଲାଗିଲେ ଯାଇ ଘରେ ଚୁଲି ଜଳେ। ଦୁଃଖ ଉପରେ ଦୁଃଖ କହିଲେ, ତାପସଙ୍କ ବାପା ଦୀର୍ଘ ଦିନ ଧରି ପକ୍ଷାଘାତ (ଚବକ୍ବବକ୍ଷଛଗ୍ବସଗ୍ଧ) ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଅଛନ୍ତି। ରୋଗୀର ସେବା ଓ ଔଷଧ ଖର୍ଚ୍ଚ ତୁଲାଇବା ପରେ ପରିବାର ପ୍ରତିପୋଷଣ କରିବା ତାପସଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଆଶ୍ଚର୍ଯ୍ୟର ବିଷୟ ଏହା ଯେ, ଏତେ ଅଭାବ ସତ୍ତ୍ୱେ ଏହି ପରିବାରକୁ ଏପର୍ଯ୍ୟନ୍ତ ରାସନ କାର୍ଡଟିଏ ମିଳିନାହିଁ। ସରକାରୀ ନିୟମ ଅନୁସାରେ ଯୋଗ୍ୟ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଉଥିବା ବେଳେ, ପ୍ରଭାତୀଙ୍କ ପରିବାର ଏଥିରୁ ବଞ୍ଚିତ। ସେହିପରି ମୁଣ୍ଡ ଗୁଞ୍ଜିବା ପାଇଁ ଏକ ସୁରକ୍ଷିତ ଛାତ ଖଣ୍ଡିଏ ମଧ୍ୟ ଜୁଟିନାହିଁ। ଅର୍ଥାଭାବ ଯୋଗୁଁ ନିଜର ପୁରୁଣା ଚାଳ ଛପର ଘରକୁ ମଧ୍ୟ ସେମାନେ ଛାଇ ପାରୁନାହାନ୍ତି। ବର୍ଷା ଦିନ ଆସିଲେ ଏହି ଅସହାୟ ପରିବାର କିଭଳି ଭାବେ ରହିବେ, ସେ ନେଇ ପ୍ରଭାତୀ ଚିନ୍ତାରେ ଅଛନ୍ତି। ସରକାରଙ୍କ 'ସମସ୍ତଙ୍କୁ ପକ୍କାଘର' ଓ 'ଖାଦ୍ୟ ନିରାପତା' ଭଳି ଡିଣ୍ଡିମ ପିଟା ଯୋଜନା ଏହି ପରିବାର ପାଇଁ ସତେ ଯେମିତି ଉପହାସ ପାଲଟିଛି।



# ଜିଲ୍ଲାଜଜ୍ ଲଲାଟେନ୍ଦୁ ଜେନାଙ୍କ ଯୋଗଦାନ

**ଭଦ୍ରକ, ୧୭ ।୪(ସମିସ):** ଭଦ୍ରକର କାର୍ଯ୍ୟରତ ଜିଲ୍ଲା ଜଜ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କର ନବରଙ୍ଗପୁର ବଦଳି ପରେ ଦୀର୍ଘ ପ୍ରାୟ ୩ ମାସ ଧରି ଏହି ପଦବୀ ଖାଲି ପଡ଼ିଥିଲା। ତେବେ ଗୁରୁବାର ନୂଆ ଜିଲ୍ଲା ଜଜ୍‌ଭାବେ ଲଲାଟେନ୍ଦୁ ଜେନା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବିଚାରପତି ଶ୍ରୀ ଜେନା ଓଡ଼ିଶା ଦେବୋତର ବିଭାଗରେ କମିଶନର ଭାବରେ କାର୍ଯ୍ୟ କରୁଥିଲେ। ୧୯୬୮ ମସିହା ଜୁଲାଇ ୨୮ ତାରିଖରେ କେନ୍ଦ୍ରାପଡ଼ାରେ ଜନ୍ମିତ ଶ୍ରୀ ଜେନା କଟକ ସଦର କୋର୍ଟରେ ଓକିଲାତି କରୁଥିବା ବେଳେ ଗତ ୨୦୦୧ ମସିହା ମଇ ମାସ ୭ ତାରିଖରେ କନିଷ୍ଠ ଦେୱାନୀ ଜଜ ଭାବରେ ପୁରୀ ସଦର ମୁନସିଫ ଭାବରେ ଯୋଗ ଦେଇଥିଲେ। ପରେ ସେ ରାୟଗଡ଼ା, ଲକ୍ଷ୍ମୀପୁର, ନିମାପଡ଼ା ଆଦି ସ୍ଥାନରେ ବିଭିନ୍ନ ପଦବୀରେ ବିଚାରପତି ରହି ୨୦୦୯ ମସିହାରେ ବାରିପଦାରେ ଏସ୍‌ଡିଜେଏମ ଭାବରେ ଯୋଗ ଦେଇଥିଲେ। ତା ପରେ କଟକ ସ୍ଥିତ ଦେବୋତର ବିଭାଗର ଯୁଗ୍ମ କମିଶନର ଭାବରେ କାର୍ଯ୍ୟ କରି ୨୦୧୬ ମସିହାରେ ବଲାଙ୍ଗୀର ସହକାରୀ ଜିଲ୍ଲା ଜଜ ଓ ପରେ ସେହିଠାରେ ୨୦୧୮ ମସିହାରେ ଜିଲ୍ଲା ଜଜ ଭାବରେ କାର୍ଯ୍ୟ କରୁଥିବା ବେଳେ ଓଡ଼ିଶା ଦେବୋତ୍ତର ବିଭାଗର କମିଶନର ନିଯୁକ୍ତି ହୋଇଥିଲେ। ତାଙ୍କ ଯୋଗଦାନ ପରେ ସମସ୍ତ ବିଚାରପତି, ଓକିଲ ସଂଘର କର୍ମକର୍ତ୍ତା ଓ ବିଚାରବିଭାଗୀୟ କର୍ମଚାରୀ ତାଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ।



# ପିଏମ୍‌ଶ୍ରୀ ରାମନାରାୟଣ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଦୋଳସାହି, ୧୭ ।୪(ସମିସ):** ତିହିଡ଼ି ବ୍ଲକ ଦୋଳସାହି ପଞ୍ଚାୟତର ପିଏମଶ୍ରୀ ରାମନାରାୟଣ ଉଚ୍ଚ ବିଦ୍ୟାଳୟ ର ୮୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପିଏମଶ୍ରୀ ରାମନାରାୟଣ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଧୀର ରଞ୍ଜନ ତରାଇଙ୍କ ସଭାପତିତ୍ୱରେ ଆଜି ଆୟୋଜିତ ବାର୍ଷିକ ଉତ୍ସବ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ଉଦଘାଟକ ଭାବେ ବିଶିଷ୍ଟ ଶିକ୍ଷାବିତ, ସାହିତ୍ୟିକ ବ୍ରଜମୋହନ ମିଶ୍ର ଯୋଗଦାନ କରିଥିଲା ବେଳେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶଶୀଶେଖର କରଶର୍ମା, ବିଶିଷ୍ଟ ଅତିଥି ଭାବେ ଦୋଳସାହିର ପୂର୍ବତନ ସରପଞ୍ଚ ସୁଶାନ୍ତ ସେଠୀ ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ର ସଭାପତି ମନୋଜ ନାୟକ ଯୋଗଦାନ କରିଥିଲା ବେଳେ ବିଦ୍ୟାଳୟ ର ସମସ୍ତ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେରେ ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବୋଚ୍ଚ ମାର୍କ ରଖିଥିବା ତିନି ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖିଥିବା ତିନି ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

**ଯୋଗାଣ ନିରୀକ୍ଷକଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ**

# ୭ ଦିନରେ କାର୍ଯ୍ୟାନୁଷ୍ଠାନ ନହେଲେ ଧାରଣା ଦେବ ବିଜେଡି

ଧାମନଗର, ୧୭ ।୪(ସମିସ)

ଧାମନଗର ବ୍ଲକର କାର୍ଯ୍ୟରତ ଯୋଗାଣ ନିରୀକ୍ଷକ ରସାନନ୍ଦ ସାହୁଙ୍କ ବିରୋଧରେ ଦୁର୍ନୀତି ଓ ବେଆଇନ କାର୍ଯ୍ୟକଳାପ ନେଇ ବିଜେଡି ପକ୍ଷରୁ ଗୁରୁତର ଅଭିଯୋଗ ହୋଇଛି। ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥିତ ଲୋକ ପ୍ରତିନିଧିମାନେ ଏ ନେଇ ଜିଲ୍ଲାପାଳ, ଏସ୍‌ପି ଓ ଧାମନଗର ବିଡିଓଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରି ତୁରନ୍ତ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ ବିଡିଓ ଅନୁପସ୍ଥିତ ଥିବାରୁ ଏବିଡିଓ ଶର୍ମିଷ୍ଠା ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅଭିଯୋଗ ଅନୁସାରେ, ଯୋଗାଣ ନିରୀକ୍ଷକ ସରକାରୀ ସାମଗ୍ରୀ ବଣ୍ଟନରେ ଅନିୟମିତତା କରୁଥିବାବେଳେ ରିଟେଲରମାନଙ୍କ ଠାରୁ ଅନଧିକୃତ ଭାବରେ ଟଙ୍କା ଆଦାୟ କରୁଛନ୍ତି। ରିଟେଲରମାନଙ୍କୁ ମିଳୁଥିବା ଅର୍ଥରୁ ୧୨ପ୍ରତିଶତ ଦାବି, ଡିଲରଙ୍କ(ରାସନ ଚାଉଳ) ରିନ୍ୟୁଆଲ ପାଇଁ ପ୍ରତି କ୍ୱିଣ୍ଟାଲରେ ଅତିରିକ୍ତ ଟଙ୍କା, ଟ୍ରେଜେରୀ କାମ ପାଇଁ ଅଲଗା ଅର୍ଥ ଓ ବ୍ୟକ୍ତିଗତ ଲାପଟପ କ୍ରୟ ପାଇଁ ମଧ୍ୟ ଟଙ୍କା ଆଦାୟ ହେଉଥିବା ଅଭିଯୋଗ ରହିଛି। ଲୋକପ୍ରତିନିଧିଙ୍କ କହିବା ଅନୁସାରେ, ଏହି ଅନିୟମିତତା ଫଳରେ ସାଧାରଣ ଖାଉଟିମାନେ ସିଧାସଳଖ ପ୍ରଭାବିତ ହେଉଛନ୍ତି ଏବଂ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହି ଘଟଣାକୁ ନେଇ ପୂର୍ବରୁ ଯୋଗାଣ ନିରୀକ୍ଷକଙ୍କ ପାଖକୁ ଯାଇଥିଲା ବେଳେ ଅସଭ୍ୟ ବ୍ୟବହାର ଓ ଧମକର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ପୂର୍ବରୁ ବିଡିଓଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ ନ ହେବାରୁ ଅସନ୍ତୋଷ ଦେଖା ଦେଇଛି। ଲୋକପ୍ରତିନିଧିମାନେ ଦରଖାସ୍ତରେ ସ୍ପଷ୍ଟ କରିଛନ୍ତି ଯେ, ୭ଦିନ ମଧ୍ୟରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ ନ କରାଗଲେ, ଧାମନଗର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ଧାରଣା ଦିଆଯିବ। ଏହି ଅଭିଯୋଗ ପ୍ରଦାନ ସମୟରେ ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଟୁନିବାଳା ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷା ଜଗବନ୍ଧୁ ପ୍ରଧାନ, ସମିତି ସଭ୍ୟ ସୁଦୀପ୍ତ ଖଟୁଆ, ଜ୍ଞାନରଞ୍ଜନ ମହାକୁଡ଼, ଶରତ ମାଝୀ, ସେକ ମୁସ୍ତାକଙ୍କ ସମେତ ଅନ୍ୟ ନେତୃ ମଣ୍ଡଳୀ ସାମିଲ ହୋଇଥିଲେ।



# ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ତରଫରୁ ରାଜ୍ୟପାଳଙ୍କୁ ଦାବିପତ୍ର

**ବାଲେଶ୍ୱର,୧୭।୪ (ସମିସ):** ସାରା ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଚାଲିଥିବା ଉଚ୍ଛେଦ ବିରୋଧି ଆନ୍ଦୋଳନକୁ ଦମନ କରିବା ପାଇଁ ପୁଲିସ ପ୍ରଶାସନର ଦମନ ଓ ଅନ୍ୟାୟ ଗିରଫ ଦାରି ବିରୁଦ୍ଧରେ ଏସ୍‌ୟୁସିଆ(କମ୍ୟୁନିଷ୍ଟ), ସିପିଆଇ(ଏମଏଲ) ରେଡଷ୍ଟାର, ସିପିଆଇ(ଏମଏଲ) ଓ ସିପିଆଇ (ଏମଏଲ) ନିଉ ଡେମୋକ୍ରାସି ପକ୍ଷରୁ ଆଜି ସାରା ରାଜ୍ୟରେ ପ୍ରତିବାଦ ଦିବସ ପାଳିତ ହୋଇଯାଇଛି। ଏହି ଆହ୍ୱାନକୁ ସମର୍ଥନ ଜଣାଇ ଏସ ୟୁ ସି ଆଇ (କମ୍ୟୁନିଷ୍ଟ) ବାଲେଶ୍ୱର ଜିଲ୍ଲା ସାଙ୍ଗଠନିକ କମିଟି ତରଫରୁ ଜିଲ୍ଲାପାଳଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏସୟୁସିଆଇ (କମ୍ୟୁନିଷ୍ଟ)ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ଜିଲ୍ଲା ସମ୍ପାଦକ ନିରାକାର ପାଣ୍ଡବଙ୍କ ନେତୃତ୍ୱରେ ମନୋଜ କୁମାର ପାତ୍ର, କୃଷ୍ଣ ପଟ୍ଟାୟତଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ ପୁଞ୍ଜିପତିମାନଙ୍କ ସ୍ୱାର୍ଥରେ ଗରିବ ଆଦିବାସୀମାନଙ୍କୁ ସେମାନଙ୍କର ଭିଟା ମାଟି ଓ ଚାଷ ଜମିରୁ ବଳ ପୂର୍ବକ ହଟାଇ, ଅନ୍ୟାୟ ଭାବେ ଗିରଫ କରି ଜେଲରେ ନିର୍ଯ୍ୟାତନା ଦେବା ଘଟଣାକୁ ତୀବ୍ର ସମାଲୋଚନା କରାଯାଇଛି। ସରକାର ଅବିଳମ୍ବେ ଉଚ୍ଛେଦ ବନ୍ଦ କରିବା, ଗିରଫ କରିଥିବା ନିରୀହ ଜନଗଣଙ୍କୁ ବିନା ସର୍ତ୍ତରେ ମୁକ୍ତ କରିବା, ଜଙ୍ଗଲ ସୁରକ୍ଷା ଆଇନ ୨୦୨୬କୁ ବାତିଲ କରିବା, ପତିତ ଜମିରେ କାରଖାନା ପ୍ରତିଷ୍ଠା କରିବା, ପଞ୍ଚମ ଅନୁସୂଚି ଅଂଚଳରେ ସମସ୍ତ ପ୍ରକଳ୍ପ ବାତିଲ କରିବା ନିଜର ଜମି, ଜଙ୍ଗଲ ଓ ଜୀବିକାର ସୁରକ୍ଷା ପାଇଁ ଗଣତାନ୍ତ୍ରିକ ଭାବେ ସଂଘର୍ଷ କରୁଥିବା ଲୋକଙ୍କ ଉପରେ ରାଷ୍ଟ୍ରୀୟ ଦମନ ବନ୍ଦ କରିବା ଆଦି ଦାବି ଉପସ୍ଥାପନ କରିଥିଲେ। ସମସ୍ୟାର ସମାଧାନ କରିବାକୁ ଆଗେଇ ନଆସିଲେ ଆଗାମୀ ଦିନରେ ଆନ୍ଦୋଳନ ସଂଗଠିତ ହେବ ବୋଲି ଚେତାବନୀ ଦେଇଥିଲେ।

# ‘ବେଆଇନ ବାଲି ଉତ୍ତୋଳନ, ଜଳେଶ୍ୱରରେ ବଢ଼ିଛି ଅରାଜକତା’

ଜଳେଶ୍ୱର ବ୍ଲକ, ୧୭।୪ (ସମିସ)



ଜଳେଶ୍ୱର ତହସିଲ ଅନ୍ତର୍ଗତ ସେକସରାଇ ଗ୍ରାମରେ ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଖନନ ବିରୁଦ୍ଧରେ ସ୍ୱର ଉଠାଇଥିବା ପଡ଼ିଲା ମହଙ୍ଗା। ସମାଜସେବୀ ହରିପଦ ମାନ୍ନାଙ୍କ ଉପରେ ଗତ ଏପ୍ରିଲ ୧୦ ତାରିଖରେ ମରଣାନ୍ତକ ଆକ୍ରମଣ ହେଲା ତାଙ୍କ ଘର ନିକଟରେ ତାଙ୍କ ବେକରେ ଭୁଜାଲି ମାଡ କରି ତାଙ୍କୁ ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରିଥିଲେ ବାଲି ମାଫିଆ। ଆକ୍ରମଣ ଶିକାର ହୋଇ ଏବେବି ମୃତ୍ୟୁ ସହିତ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଉପରେ ହୋଇଥିବା ଆକ୍ରମଣକୁ ୮ ଦିନ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଆକ୍ରମଣ କାରି ଦୁର୍ବୃତ୍ତ ମାନଙ୍କୁ ପୁଲିସ ଗିରଫ କରିନାହିଁ। ଶାସକ ଦଳର ନେତାଙ୍କ ଚାପରେ ପୁଲିସ ଚୁପ ବସିଛି ବୋଲି ସେକସରାଇ ଗ୍ରାମରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଦଳର ବରିଷ୍ଠ ନେତା ଅଭିଯୋଗ କରିଛନ୍ତି। ଗତ ଏପ୍ରିଲ ୮ ତାରିଖରେ ଓଡିଶା ସରକାରଙ୍କ ଲଘୁ ଖଣିଜ ନିର୍ଦ୍ଦେଶକ ଡ଼ କାହ୍ନୁ ଧୀର ବାଲେଶ୍ୱର ଏସ ପିଙ୍କୁ ଏକ ଚିଠି ମାଧ୍ୟମରେ ଶ୍ରୀ ମାନ୍ନା ଙ୍କ ପୁଅ ଚନ୍ଦନ ମାନ୍ନା, ତାଙ୍କ ପରିବାର ବର୍ଗ ତଥା ଗ୍ରାମବାସୀଙ୍କ ଉପରେ ବାଲି ମାଫିଆ ମାନଙ୍କ ଆକ୍ରମଣ ର ସମ୍ଭାବନା ରହିଛି ବୋଲି ଜଣାଇବା ସହିତ ତାଙ୍କୁ ସୁରକ୍ଷା ଦେବା ପାଇଁ ଉଲ୍ଲେଖ କରିଥିଲେ। ବାଲେଶ୍ୱର ଏସ୍‌ପି ତାଙ୍କୁ ଦୃଷ୍ଟି ଦେଲେ ନାହିଁ ଏବଂ ତାର ଦୁଇ ଦିନ ପରେ ହରିପଦ ମାନ୍ନାଙ୍କ ଉପରେ ଆକ୍ରମଣ ହେଲା। ଏହା ମଧ୍ୟ ବାଲି ମାଫିଆ ମାନଙ୍କ ପ୍ରତି ପୁଲିସର କୋହଳ ମନୋଭାବର ସୂଚନା ଦିଏ। ସ୍ଥାନୀୟ ପୁଲିସର ଏହି ନିଷ୍କ୍ରିୟତା ବିରୁଦ୍ଧରେ ପୁଲିସ ମହାନିର୍ଦ୍ଦେଶକଙ୍କୁ ଭେଟିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ସୁବର୍ଣ୍ଣରେଖା ନଦୀ ବାଲି ମାଫିଆ ମାନଙ୍କ ଦୌରାତ୍ମ୍ୟରେ ଆଜି କ୍ଷତବିକ୍ଷତ। ନଦୀର ସ୍ୱାସ୍ଥ୍ୟ ବିଗିଡ଼ିବାକୁ ବସିଲାଣି। ଅନେକ ନଦୀକୂଳିଆ ଗାଁ ଗୁଡିକ ବିପଦସଂକୁଳ ଅବସ୍ଥାକୁ ଚାଲିଗଲାଣି। ଏବେ ଏହି ବେଆଇନ ବାଲି ଖନନ ଲୋକଙ୍କ ଜୀବନ ଓ ଗାଁ ଗୁଡିକର ଶାନ୍ତ ପରିବେଶ ପ୍ରତି ବିପଦ ସୃଷ୍ଟି କଲାଣି। ବାଲି ମାଫିଆମାନଙ୍କ ଦୌରାତ୍ମ୍ୟ ସୀମା ଲଙ୍ଘିଲାଣି। ଏହା ବିରୁଦ୍ଧରେ ଜଳେଶ୍ୱର କଂଗେସ ଜନ ଆନ୍ଦୋଳନ କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି ହରିପଦ ମାନ୍ନାଙ୍କ ଉପରେ ଆକ୍ରମଣ କରିଥିବା ଦୁର୍ବୃତ୍ତମାନଙ୍କୁ ତୁରନ୍ତ ଗିରଫ କରିବା, ଦାୟିତ୍ୱରେ ଖିଲାପ କରିଥିବା ସ୍ଥାନୀୟ ପୁଲିସ ଉପରେ କାର୍ଯ୍ୟାନୁଷ୍ଠାନ ନେବା ସହିତ ପୁଲିସ ବେଆଇନ ବାଲି ଖାଦାନ ଗୁଡିକୁ ତୁରନ୍ତ ବନ୍ଦ କରିବା ଇତ୍ୟାଦି ଦାବି ଗୁଡିକୁ ଆଜି ସାମ୍ବାଦିକ ସମ୍ମିଳନୀରେ ଉଥାପନ କରାଯାଇଛି। ଆଜିର ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ମଧୁସୂଦନ ଦାସ, ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଗିରି, ଟାଉନ କଂଗ୍ରେସ ସଭାପତି ଜଗଦିଶ ନନ୍ଦୀ, ସୌଭିକ ଜେନା, ହରିପଦ ମାନ୍ନା ଙ୍କ ବଡ ଭଉଣୀ ସ୍ନେହଲତା ମାନ୍ନା, ନରେଶ ଚନ୍ଦ୍ର ଦାସ, ସୁବଳ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଜୟନ୍ତ ପରିଡା, ଅଶୋକ ସାହୁ ପ୍ରମୁଖ ଗ୍ରାମବାସୀ ଯୋଗ ଦେଇଥିଲେ।

# ପ୍ରେମିକା ଗ୍ରାମରୁ ପ୍ରେମିକର ଝୁଲନ୍ତା ମୃତଦେହ ଉଦ୍ଧାର

**ନୀଳଗିରି, ୧୭।୪ (ସମିସ):** ଉଭୟ ଉଭୟଙ୍କୁ ଭଲ ପାଇ ଆସୁଥିଲେ। ଏହି ସମ୍ପର୍କର ବାଧକ ସାଜିଥିଲା କିଏ? ଶେଷରେ ପ୍ରେମିକାର ଫୋନ୍ କଲ୍ ପାଇ ରାତି ଅଧରେ ନିଜ ବାଇକ୍ ଧରି ପହଞ୍ଚିଥିଲା ପ୍ରେମିକାର ଗାଁରେ। ସକାଳେ ଏକ ଗଛରେ ଯୁବକର ମୃତଦେହ ଝୁଲୁଥିବାର ଗ୍ରାମବାସୀ ଦେଖିବାକୁ ପାଇଥିଲେ। ତୁରନ୍ତ ଘଟଣା ସ୍ଥଳରେ ନୀଳଗିରି ପୁଲିସ ପହଞ୍ଚି ପ୍ରାଥମିକ ତଦନ୍ତ କରି ମୃତ ଶରୀରକୁ ନୀଳଗିରି ମେଡିକାଲକୁ ଆଣିଛନ୍ତି। ଉକ୍ତ ଘଟଣାଟି ନୀଳଗିରି ଥାନା ଅନ୍ତର୍ଗତ ଚଷାଖଣ୍ଡ ଗ୍ରାମର ଦେଖିବାକୁ ମିଳିଛି। ଚଷାଖଣ୍ଡ ଗ୍ରାମର ଝିଅ ରେମୁଣା ଥାନା ଅନ୍ତର୍ଗତ ପତ୍ରିପାଳ ପଞ୍ଚାୟତ ନାଲାପାଟଣା ଗ୍ରାମର ରବିନ୍ଦ୍ର ସିଂର ପୁଅ ଅଜୟ (୨୬) ପରସ୍ପରକୁ ଭଲ ପାଉଥିଲେ। ଦୁହିଁଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇ ପଡ଼ିଥିଲା। ଗତ ଗୁରୁବାର ରାତି ପ୍ରାୟ ଦୁଇଟା ସମୟରେ ଅଜୟ ମୋବାଇଲକୁ ଏକ ମୋବାଇଲ୍ କଲ ଆସିବା ପରେ ଅଜୟ ନିଜ ବାଇକ୍ ଧରି ବାହାରି ପଡ଼ିଥିଲା। ପରିବାର ଲୋକେ ବାରଣ



**ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ବାପା**

ପରେ ବି ଅଜୟ କାହାରି କଥା ନ ଶୁଣି ପଳାଇ ଆସିଥିଲା। ଚଷାଖଣ୍ଡ ଗ୍ରାମର ଏକ ଗଛରେ ବେକରେ ରସି ଲଗାଇ ମର ଶରୀର ଝୁଲୁଥିବାର ସକାଳେ ଅଞ୍ଚଳବାସୀ ଦେଖିବାକୁ ପାଇଥିଲେ। ଗଛ ମୂଳରେ ନିଜର ଜୋତା, ନିକଟରେ ତାର ବାଇକ୍ ରହିଥିଲା। ପରେ ନୀଳଗିରି ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପ୍ରାଥମିକ ତଦନ୍ତ କରି ମର ଶରୀରକୁ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ପ୍ରଥମେ ମୃତକର ପରିଚୟ, ଠିକଣା ମିଳୁ ନ ଥିବା ବେଳେ ସୋସିଆଲ ମିଡିଆରେ ଫଟୋ ଦେଖି ପରିବାର ଲୋକେ ସମେତ କିଛି ଗ୍ରାମବାସୀ ନୀଳଗିରି ଥାନାରେ ପହଞ୍ଚି ଥିଲେ। ମୃତକକୁ ମଧ୍ୟ ଚିହ୍ନଟ କଲା ପରେ ମୃତକ ଅଜୟର ବାପା ରବୀନ୍ଦ୍ର ସିଂ ମୋ ପୁଅକୁ ଝିଅ ଘର ଲୋକେ ମାରି ଆତ୍ମହତ୍ୟାର ରୂପ ଦେଉଛନ୍ତି ବୋଲି ରବିନ୍ଦ୍ର ସିଂ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୁଲିସ ଘଟଣା ସ୍ଥଳରୁ ବାଇକ୍ ଜବତ୍ କରିଥିବା ବେଳେ ନୀଳଗିରି ଥାନା ପକ୍ଷରୁ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

# ଦରମା ନ ପାଇ ହନ୍ତସନ୍ତ ଅଧ୍ୟାପକ ଓ କର୍ମଚାରୀ

**କାଳିପଦା, ୧୭।୪ (ସମିସ):** ସାରା ଓଡିଶାରେ ଘରୋଇ କଲେଜରେ କାର୍ଯ୍ୟରତ ଅଧ୍ୟାପକ -କର୍ମଚାରୀ ମାନେ ଆଜି ସୁଦ୍ଧା ଗଲା ମାର୍ଚ୍ଚ ମାସର ଦରମା ପାଇ ପାରି ନାହାଁନ୍ତି। ଫଳରେ ଅଧ୍ୟାପକ- କର୍ମଚାରୀ ପରିବାର ଦରମା ବିନା ବିଭିନ୍ନ ସମସ୍ୟା ନେଇ ହନ୍ତ ସନ୍ତ ହେଉଛନ୍ତି। କେତେକ କର୍ମଚାରୀ ବ୍ୟାଙ୍କ କିସ୍ତି, ଘରୋଇ ଋଣ କିସ୍ତି, ମାସିକିଆ ସଉଦା କିସ୍ତି, ଘର ଭଡା, ପିଲାମାନଙ୍କର ଟ୍ୟୁସନ ଫି ଓ ଅନ୍ୟାନ୍ୟ କିସ୍ତି ଭରି ନ ପାରି ମାନସିକ ଚାପରେ ରହୁଛନ୍ତି। ଏବେ ଉଚ୍ଚ ଶିକ୍ଷା ବିଭାଗ ଏଚ ଆର ଏମ ଏସ, ହିମ୍ସ ଆଦିର ସମସ୍ୟାକୁ ଆଳ କରି ଆଲଟମେଣ୍ଟ ଦେବାରେ ଅହେତୁକ ବିଳମ୍ବ କରୁଛନ୍ତି। ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଅଧ୍ୟାପକ -କର୍ମଚାରୀମାନେ ଦୃଢ଼ ଦାବି କରିଛନ୍ତି।

# ଲବଣ ସତ୍ୟାଗ୍ରହ ସ୍ମୃତି ଫଳକଠାରେ ବାର୍ଷିକ ଉତ୍ସବ



**ବାଲେଶ୍ୱର,୧୭।୪(ସମିସ):** ସୁନ୍ଦରୀ ଛକ ଚାଉଳିଆବର ଲବଣ ସତ୍ୟାଗ୍ରହର ଐତିହାସିକ କୁରୁକ୍ଷେତ୍ର ଭାବେ ପରିଚିତ ସ୍ମୃତି ଫଳକ ଠାରେ ୯୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ଜାତୀୟ ସଂଗୀତ ଗାନ ସହ ସରପଞ୍ଚ ସାବିତ୍ରୀ ଶତପଥୀଙ୍କ ଦ୍ୱାରା ଜାତୀୟ ପତକା ଉତ୍ତୋଳନ କରାଯାଇଥିଲା। ସମିତି ସଭ୍ୟ ସୂର୍ଯ୍ୟ କୁମାର ମିଶ୍ର ଯୁବକଙ୍କୁ ନିଶା ମୁକ୍ତ ହୋଇ ଆଗକୁ ଆସନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଯୁବନେତା ରଣଜିତ୍ ଦାଶ ସ୍ମୃତିଫଳକର ଉନ୍ନତି ପାଇଁ କିଛି ଅର୍ଥର ଆବଶ୍ୟକତାକୁ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କମିଟି ସଭାପତି ଆଦିତ୍ୟ ବନ୍ଧୁ ରଥ, ସଦର ବ୍ଲକ ଉପ ସଭାପତି ଲକ୍ଷ୍ମୀଧର ସ୍ୱାଇଁ ସମାଜରେ ବୈପ୍ଳବର କାରଣ ବିଷୟରେ ଉଦବୋଧନ ଦେଇଥିଲେ। ଯୁବନେତା ମାନଙ୍କ ମଧ୍ୟରେ ରାଧାରଞ୍ଜନ ଦାସ, ସରୋଜ ରଥ, ଅଲେଖ ବିଶ୍ୱାଳ, ପ୍ରଭାକର ବେହେରା, ସଦର ବ୍ଲକ ହରିଜନ ସେଲ ସଭାପତି ଅରୁଣ ମାଝୀ ବକ୍ତବ୍ୟ ପ୍ରଦାନ କରିଥିଲେ। କବି ସର୍ବେଶ୍ୱର ଦାସ ଲବଣ ସତ୍ୟାଗ୍ରହ ଉପରେ ଆଲୋକପାତ କରିଥିଲେ। ମା’ ଭାରତୀ ଗୋଷାଳା ସଭାପତି ଜିତେନ୍ଦ୍ର ସ୍ୱାଇଁ, ସମାଜସେବୀ ସୁଶାନ୍ତ ଶତପଥି, ସାର୍ଥକ ସାହୁ, ବିଜୟ ଦାସ, ଜୟନ୍ତ ମହାପାତ୍ର, ସୁମନ୍ତ ଦାସ, ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। କମିଟି ଉପଦେଷ୍ଟା ବାପି ରାଉତ ଏବଂ ବିଶିଷ୍ଟ ସମାଜସେବୀ ଭଗବାନ ଦାସ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

# ଶ୍ରୀଶ୍ରୀ ରାଧା ବେଣୁମାଧବ ସେବାଧାମରେ ଭାଗବତ ପାରାୟଣ ସପ୍ତାହ ଆରମ୍ଭ

**କାଳିପଦା, ୧୭।୪ (ସମିସ):** ବାଲିଆପାଳ ବ୍ଲକର ଘଣ୍ଟୁଆ ପଞ୍ଚାୟତ ଧର୍ମଦ୍ୱାର ଗ୍ରାମର ଶ୍ରୀଶ୍ରୀ ରାଧା ବେଣୁମାଧବ ସେବା ଧାମର ବାର୍ଷିକ ଉତ୍ସବ ଅବସରରେ ଗୁରୁବାର ଠାରୁ ସପ୍ତାହ ବ୍ୟାପୀ ଭାଗବତ ପାରାୟଣ, ହରି କଥା ଅମୃତ ପ୍ରବଚନ ଆରମ୍ଭ ହୋଇ ଯାଇଛି। ଏହି ଭାଗବତ ପାରାୟଣ କାର୍ଯ୍ୟକ୍ରମ ପ୍ରତିଦିନ ପୂର୍ବାହ୍ନ ଛଅ ଘଟିକାରୁ ଆରମ୍ଭ ହୋଇ ସଂଧ୍ୟା ଛଅ ଘଟିକା ଯାଏ ଚାଲିବ। ପରେ ସନ୍ଧ୍ୟା ଆଳତୀ ଓ ସାମୂହିକ ପ୍ରାର୍ଥନା ଶେଷ ହେବା ପରେ ଡ. ସ୍ୱାମୀ ଅଦ୍ୱୈତ୍ୟାନନ୍ଦ ମହାରାଜାଙ୍କ ଦ୍ୱାରା ହରି କଥା ଅମୃତ ପ୍ରବଚନ କାର୍ଯ୍ୟକ୍ରମ ଚଳିତ ମାସ ୨୨ ତାରିଖ ପର୍ଯ୍ୟନ୍ତ ହେବ। ୨୩ ତାରିଖ ପୂର୍ବାହ୍ନ ୧୧ ଘଟିକା ଠାରୁ ନାମ ଯଜ୍ଞ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇ ୨୪ ତାରିଖ ପୂର୍ଣ୍ଣାହୂତି ପ୍ରଦାନ ପରେ ଭାକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀଶ୍ରୀ ରାଧା ବେଣୁମାଧବ ସେବାଧାମର ପ୍ରତିଷ୍ଠାତା ପ୍ରଫେସର ବେଣୁଧର ନାୟକ କହିଛନ୍ତି। ଭଗବତ ପାରାୟଣରେ ବ୍ରହ୍ମଚାରୀଣୀ ମୋତି ମାଣିକ ଦାସ, ଡମ୍ବରୁ ଧର ନାୟକ, ସୁକାନ୍ତି ନାୟକ, ଜୟନ୍ତୀ ନାୟକ, ସୁଜାତା ନାୟକ, ସବିତା ନାୟକ, ସୁମତି ନାୟକ,ଅରୁନ୍ଧତୀ ଗିରି , ଅପସରା ଦଳାଇଙ୍କ ସମେତ ମାଳତୀ ଦାସ ଭାଗବତ ପାଠନରେ ସହଯୋଗ ସହଯୋଗ କରିଥିଲେ।



# ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲ: ଗୋପୀକୃଷ୍ଣ ଜେନା ଟପ୍ପର

**ବାଲେଶ୍ୱର,୧୭।୪(ସମିସ):** ସହଦେବଖୁଣ୍ଟାସ୍ଥିତ ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ୍ ସ୍କୁଲ ଛାତ୍ର ଗୋପୀ କୃଷ୍ଣ ଜେନା ଦଶମ ଶ୍ରେଣୀ ସିବିଏସଇ ବୋର୍ଡ ପରୀକ୍ଷାରେ ଉତ୍କୃଷ୍ଟ ଫଳାଫଳ ଅର୍ଜନ କରିଛନ୍ତି। ୯୨ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି ଗୋପୀ। ସେଥିପାଇଁ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି। ତାଙ୍କର କଠିନ



ପରିଶ୍ରମ, ନିଷ୍ଠା ଓ ଅଦମ୍ୟ ପ୍ରୟାସ ଏହି ସଫଳତାର ପ୍ରମାଣ। ଏହା ସହିତ, ଉକ୍ତ ବିଦ୍ୟାଳୟର ସମସ୍ତ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ୧୦୦ଧ ଫଳାଫଳ ଅର୍ଜନ କରିଥିବାରୁ ବିଦ୍ୟାଳୟ ପକ୍ଷରୁ ଗର୍ବ ଓ ଆନନ୍ଦ ପ୍ରକାଶ କରାଯାଇଛି।

# କରଞ୍ଜେଇ ସର୍ବମଙ୍ଗଳା ମନ୍ଦିରରେ ଯଜ୍ଞ ଉତ୍ସବ



**ବାଲେଶ୍ୱର,୧୭।୪ (ସମିସ):** କରଞ୍ଜିଆ ପଞ୍ଚାୟତ ସତ୍ୟନଗରରେ ଥିବା ମା’ କରଞ୍ଜେଇ ସର୍ବମଙ୍ଗଳା ମନ୍ଦିରରେ ବାର୍ଷିକ ଯଜ୍ଞ ଉତ୍ସବ ପାଳିତ ହୋଇଯାଇଛି। ମା’ଙ୍କ ପୂଜା ପରେ ସକାଳେ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୫ ଘଟିକାରେ ମା’ଙ୍କ ନୀତିକାନ୍ତି ହୋଇଥିଲା। ମଧ୍ୟାହ୍ନରେ ଶତାଧିକ ଭକ୍ତ ପ୍ରସାଦ ସେବନ କରିଥିଲେ। ସଂଧ୍ୟା ସମୟରେ ଶ୍ରୀ ଜଗନ୍ନାଥ ଶାଖା ପକ୍ଷରୁ ଭଜନ ସନ୍ଧ୍ୟା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର କୁମାର ରାଉତ ଓ ପୂର୍ବତନ ପୌରାଧକ୍ଷ ଆଲୋକ କୁମାର ସାହୁ ଉପସ୍ଥିତ ଥିଲେ। ମନ୍ଦିର ପ୍ରତିଷ୍ଠାର ପ୍ରଥମ ସଭାପତି ମଧୁସୂଦନ ବେହେରାଙ୍କୁ ‘କର୍ମବୀର ସମ୍ମାନ’ ଏବଂ କୀର୍ତ୍ତି ଜ୍ୟୋସ୍ନା ନାୟକ ଓ ପ୍ରିୟଙ୍କା ମହାପାତ୍ର ଏମବିବିଏସ ପାସ୍ କରିଥିବାରୁ ‘ପ୍ରତିଭା ସମ୍ମାନ’ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଯଜ୍ଞ କର୍ମ ପାଇଁ ମୁଖ୍ୟ ପୁରୋହିତ ଭାବେ ଲକ୍ଷ୍ମଣ ଆଚାର୍ଯ୍ୟ, ବିଷ୍ଣୁ ଚରଣ ପଣ୍ଡା, ଗୌତମ ପାଣିଗ୍ରାହୀ ନିୟୋଜିତ ଥିଲେ। ସଂକଳ୍ପ ଭାବେ ଦିଲ୍ଲୀପ କୁମାର ଦାସ, ଜ୍ୟୋସ୍ନାରାଣୀ ଦାସ ଓ ତାଙ୍କ ଧର୍ମପତ୍ନୀ ଜ୍ୟୋସ୍ନା ରାଣୀ ଦାସ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ପରିଚାଳନା ପରିଷଦ ସଭାପତି ମନ୍ମଥ କୁମାର ନନ୍ଦ, ସମ୍ପାଦକ ନରେନ୍ଦ୍ର କୁମାର ନାୟକ, ଉପସଭାପତି ଭଗବାନ ଚନ୍ଦ୍ର ସାହୁ, ସହ ସମ୍ପାଦକ ହରିହର ରାଉତ୍, କୋଷାଧ୍ୟକ୍ଷ ଗଜେନ୍ଦ୍ର ପ୍ରସାଦ ନାୟକ, ସଦସ୍ୟ କୃପାସିନ୍ଧୁ ମହାଳିକ, ପ୍ରଦୀପ ବେହେରା, ମାନସ୍ ରାଉତ, ପ୍ରଦୀପ ମହାଳିକ, କମଳାକାନ୍ତ ଦାସ, ସଦସ୍ୟା ପପିନା ରାଉତରାୟ, ଜ୍ୟୋତି ରଂଜନ ରାଉତ, ପ୍ରୀତିଲତା ପାଲ, ମାନସୀ ଦେ, ପଦ୍ମାବତୀ ସିଂହ, ପପିନ ରାଉତରାୟ ପ୍ରମୁଖ ଯଜ୍ଞ ଉତ୍ସବ ପରିଚାଳନା କରିଥିଲେ।

# ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ ରକ୍ତଦାନ ଶିବିର



**ଚନ୍ଦନେଶ୍ୱର, ୧୭।୪ (ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା (ଏନଏସଏସ) ଓ ଯୁବ ରେଡକ୍ରସର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଶିବିରଟିକୁ ଡାକ୍ତର ଉଦୟ ସାହୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା, ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଉତ୍ତର କୁମାର ଦଣ୍ଡପାଟ, ପ୍ରଧାପକ ସୁବ୍ରତ କୁମାର ପ୍ରଧାନ, ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର, ସମୀର କୁମାର ନନ୍ଦ, ବିନୋଦ ବିହାରୀ ଜେନା, ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଗାୟତ୍ରୀ ହେମ୍ବ୍ରମ ଓ ଯୁବ ରେଡକ୍ରସ କାଉନସେଲର ଅଧ୍ୟାପକ କହ୍ନେଇଲାଲ ଧରୁଆ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ରକ୍ତ ଭଣ୍ଡାରର ସହଯୋଗରେ ଆୟୋଜିତ ଏହି ଶିବିରରେ ମୋଟ ୨୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ମହାବିଦ୍ୟାଳୟର ଅଧ୍ୟାପକ ଦେବବ୍ରତ ମିଶ୍ର, ଶିବଶଙ୍କର ପରାମାଣିକ, ଅଧ୍ୟାପିକା ବନସ୍ମିତା ନାୟକ, ଶକ୍ତିମାନ ମିଶ୍ର, ଅର୍ଦ୍ଧେନ୍ଦୁ ମୁଖାର୍ଜୀ, ବିଶ୍ୱଜିତ ଦତ୍ତ, ଶିବଶଙ୍କର ପଣ୍ଡା ସହିତ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଓ ଭୋଗରାଇ ବ୍ଲକ ପ୍ରତିନିଧି ବିଶ୍ୱଜିତ ମହାନ୍ତି ପ୍ରମୁଖ ସକ୍ରିୟ ଭାବେ ସହଯୋଗ କରିଥିଲେ।

# ସିବିଏସ୍‌ଇ ଦଶମ ପରୀକ୍ଷାରେ ରୟାଲ ପବ୍ଲିକ ସ୍କୁଲର ସଫଳତା



**ସିମୁଳିଆ, ୧୭।୪ (ସମିସ):** ଚଳିତ ବର୍ଷ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ସିମୁଳିଆ ବ୍ଲକ ମଇତାପୁର ଠାରେ ଥିବା ରୟାଲ ପବ୍ଲିକ ସ୍କୁଲର ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିଛନ୍ତି। ଚଳିତ ବର୍ଷ ୧୦୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ବିଦ୍ୟାଳୟର ଶତ ପ୍ରତିଶତ ଛାତ୍ର ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥି ମଧ୍ୟରୁ ଓମ ପ୍ରୟାସ ଅଗସ୍ତି.୪୮୬ନମ୍ବର, ସତ୍ୟ ପ୍ରକାଶ ପାଣିଗ୍ରାହୀ ୪୬୨ନମ୍ବର, ଆଦିତ୍ୟ ବେହେରା ୪୫୭ ଓ ଦିବ୍ୟ ରଞ୍ଜନ ବେହେରା ୪୫୬ନମ୍ବର ରଖି ଏ-୧ରେ ୪ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡ. ବିଷ୍ଣୁମୋହନ ମହାନ୍ତି ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ପ୍ରତିଭା ମାନଙ୍କୁ କୃତିତ୍ୱଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପକ୍ଷରୁ ଚାରିଜଣ ଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଭାଇସ ଚେୟାରମ୍ୟାନ ମିଳନ ମହାନ୍ତି ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପୂର୍ବଶାଙ୍କ ସଫଳତା



**ଲଙ୍ଗଳେଶ୍ୱର, ୧୭।୪ (ସମିସ) :** ସିବିଏସଇ ଦଶମ ପରୀକ୍ଷାରେ ଲଙ୍ଗଳେଶ୍ୱର ଝିଅ ପୂର୍ବଶା ପ୍ରିୟଦର୍ଶିନୀ ଦତ୍ତ ବାଲେଶ୍ୱର ଜିଲ୍ଲାରେ ଟପ୍ପର ହୋଇଛନ୍ତି। ସେ ମୋଟ ୬୦୦ ମାର୍କ ରୁ ୫୯୫ମାର୍କ ରଖିପାରିଛନ୍ତି। ପିତା ପାର୍ଥ ସାରଥି ଦତ୍ତ ଓ ମାତା ହରିପ୍ରିୟା ଦତ୍ତଙ୍କ କନ୍ୟା ପୂର୍ବଶା ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ରେ ପାଠ ପଢୁଥିଲେ।

# ନିର୍ମାଣାଧୀନ ପୋଲ ତଳକୁ ଖସି ପଡ଼ିଲା ବାଇକ, ୨ ଗୁରୁତର

**ନୀଳଗିରି, ୧୭।୪ (ସମିସ):** ନୀଳଗିରି ଥାନା ଅଧୀନ ମିତ୍ରପୁର-ବଇଁଚା ରାସ୍ତାର ମଛୁଆ ନିକଟରେ ଏକ ନିର୍ମାଣାଧୀନ ପୋଲ ତଳକୁ ବାଇକ ଖସି ପଡ଼ିବାରୁ ୨ଜଣ ଯୁବକ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପୋଲ ଏବଂ ରାସ୍ତା ନିର୍ମାଣ ସ୍ଥଳରେ କୌଣସି ରିବନ କିମ୍ବା ବାଉଁଶ ବାଡ଼ ଲଗା ଯାଇନଥିବା ଯୋଗୁ ଅକାରଣେ ୩୦ଫୁଟ ତଳକୁ ଏକ ବାଇକ ଖସି ପଡ଼ିଥିଲେ। ବାଇକ ପଡ଼ିଥିବା ସ୍ଥଳ ପାଶ୍ୱର୍ରେ ବିରାଟ ପଥରମାନ ରହିଥିଲେ ହେଁ ଏହି ୨ଯୁବକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପୂର୍ତ୍ତ ବିଭାଗ ଏହି ରାସ୍ତା ନିର୍ମାଣ କରୁଥିବା ବେଳେ ପରିଚାଳନାରେ ତ୍ରୁଟି ଯୋଗୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗୁରୁତର ଯୁବକଙ୍କୁ ତୁରନ୍ତ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେପଟେ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବିଭାଗ ପକ୍ଷରୁ ଠିକାଦାରଙ୍କୁ ତାଗିଦ କରାଯାଉନଥିବା ଯୋଗୁ ଏଭଳି ପରିସ୍ଥିତି ଉପୁଜି ଚାଲିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।



# ସାରଗାଁ-ଗୋପାଳପୁର ରାସ୍ତା ପାଲଟିଛି ଲୁଟେରାଙ୍କ ଚରାଭୂଇଁ

ବାଲେଶ୍ୱର,୧୭।୪(ସମିସ)

ବାଲେଶ୍ୱର ଜିଲ୍ଲା ସାରଗାଁ ଗୋପାଳପୁର ସଲଟ ରୋଡ ପାଲଟିଛି ଲୁଟେରାଙ୍କ ଚରା ଭୂଇଁ । କେତେବେଳେ ସନ୍ଧ୍ୟା ତ କେତେବେଳେ ରାତି ଆଉ ଏବେ ସ୍ୱଷ୍ଟ ଦିବାଲୋକରେ ଛୁରି ଭୁଜାଲି ଦେଖାଇ ବାଇକ ମାଲ ବୋଝେଇ ଗାଡ଼ି ଆରୋହୀଙ୍କ ନିକଟରୁ ଲୁଟ କରୁଛନ୍ତି ଲୁଟେରା। ସଦର ଥାନାର ଜୟଦେବ କସବା ଫାଣ୍ଡି , ଖନ୍ତାପଡା ଏବଂ ଗୋପାଳପୁର ଥାନା ପୋଲିସ ଲୁଟେରାଙ୍କ ଟେର ପାଉନଥିବା ବେଳେ ଲୋକଙ୍କ ପାଇଁ ବିପଦ ସାଜିଛି ସାରଗାଁ - ଗୋପାଳପୁର ରାସ୍ତା। ବାଲେଶ୍ୱର ବଙ୍କାଖେଜୁରୀ ଠାରୁ ଭଦ୍ରକ ଜିଲ୍ଲା ବାସୁଦେବପୁରକୁ ଲମ୍ବିଛି ସଲଟ ରୋଡ଼। ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଲୋକେ ଆତଯାତ କରିଥାନ୍ତି। ହେଲେ ଏହି ରାସ୍ତା ଏବେ ଲୋକଙ୍କ ପାଇଁ ବିପଦ ଯାତ୍ରା ପାଲଟିଛି। ଏହି ରାସ୍ତା ଦେଇ ପ୍ରତିଦିନ ଅବୈଧ ନିଶା କାରବାର, ଗୋ ଚାଲାଣ, ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ଅହେତୁକ ବୃଦ୍ଧି ପାଇଥିବାବେଳେ ଏବେ ଚୋରୀ ଡକାୟତି ରାହାଜାନି ସାଙ୍ଗକୁ ଲୁଟ ତରାଜ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ବ୍ରାଉନ ସୁଗାର ନିଶାରେ ଯୁବପିଢ଼ି ପଥଭ୍ରଷ୍ଟ ହେଉଥିବା ବେଳେ ରାସ୍ତାରେ ଯାତାୟତ କରୁଥିବା ପଥଚାରୀଙ୍କୁ ମାରଣାସ୍ତ୍ର ଦେଖାଇ ଟଙ୍କା, ମୋବାଇଲ, ଗାଡ଼ି ଛଡ଼ାଇ ନେଉଥିବା ବେଳେ ମାରଣାସ୍ତ୍ରରେ ଆକ୍ରମଣ କରି ଲହୁ ଲୁହାଣ କରିବାକୁ ପଛାଉ ନାହାନ୍ତି। ଏହି ରାସ୍ତାର ଡ଼ିଆରଡ଼ିଓ ରାସ୍ତା ଠାରୁ ଗୋପାଳପୁର ମଧ୍ୟରେ ଏହି ଲୁଟ ଦୈନନ୍ଦିନ ଚାଲୁଥିବା ବେଳେ ପୁଲିସ କେବଳ ମାମଲା ରୁଜୁ କରି ଚୁପ ବସିଛି। ଏହି ୧୫ କିମି ରାସ୍ତା ୩ଟି ଥାନା ଅଧୀନରେ ଆସୁଥିବା ବେଳେ ପୁଲିସ ଲୁଟେରାଙ୍କୁ କାବୁ କରିବାରେ ଫେଲ ମାରୁଛି। ବାଲେଶ୍ୱର ସଦର ଥାନା, ଜୟଦେବ କସବା ଫାଣ୍ଡି, ଖନ୍ତାପଡ଼ା ଥାନା ଏବଂ ଗୋପାଳପୁର ଥାନା ଅଧୀନରେ ଏହି ରାସ୍ତା ଯାଉଥିବା ବେଳେ କୌଣସି ବି ପୁଲିସ ଏହାକୁ ରୋକିବାରେ ଆନ୍ତରିକତା ଦେଖାଉନଥିବା ଜଣାପଡିଛି। ଏହି ଲୁଟ ତରାଜ ଦୈନନ୍ଦିନ ଚାଲିଥିବା ବେଳେ ୧୭ ବର୍ଷରୁ ୩୦ ବର୍ଷ ମଧ୍ୟରେ ଥିବା କିଛି ଯୁବକ ଏଭଳି ଲୁଟ କାର୍ଯ୍ୟରେ ଲିପ୍ତ ଥିବା ବେଳେ ସ୍ଥାନୀୟ କିଛି ଯୁବକ ମଧ୍ୟ ଏହି ଅପରାଧିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। କିଛିଦିନ ପୂର୍ବରୁ ଗୋରୁ ମାଫିଆଙ୍କ ଆକ୍ରମଣରେ ୫ରୁ ଉର୍ଦ୍ଧ୍ୱ ବାଇକ ଓ କାରକୁ ହଣାଯିବା ଘଟଣା ହେଉ କି ଗାଡ଼ି ଅଟକାଇ ଟଙ୍କା ସୁନା ଗହଣା, ଗାଡ଼ି ଲୁଟ ଘଟଣା, ଜଣେ ଯୁବକଙ୍କୁ ସର୍ବ ସମ୍ମୁଖରେ ପିଟିପିଟି ହତ୍ୟା ଘଟଣା ହେଉ ସବୁ ଘଟଣାକୁ ଦେଖିଲେ ପୁଲିସର ଅପାରଗତା କାର୍ଯ୍ୟକଳାପ ଯୋଗୁଁ ଏହି ରାସ୍ତା କ୍ରମଶଃ ଆଶାନ୍ତ ହେବାରେ ଲାଗିଛି। ସନ୍ଧ୍ୟା ପରେ ଏହି ରାସ୍ତାରେ ଲୋକେ ସୁରକ୍ଷା ଦୃଷ୍ଟିରୁ ଯାତାୟତ କରିବାକୁ ଭୟ କଲେଣି। ଏ ନେଇ ବାଲେଶ୍ୱର ଏସପି ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଅପରାଧିକ କାର୍ଯ୍ୟରେ ଲିପ୍ତ ଥିବା ଯୁବକଙ୍କୁ ଗିରଫ କରିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।

